### ଯୁବକଙ୍କ ମୃତଦେହ ଜବତ

ରାଜଗାଙ୍ଗପୁର,(ଡି.ଏନ.ଏ.): ରାଜଗାଙ୍ଗପୁର ଥାନା ଅଧୀନ କାଂସବାହାଲ ଫାଣ୍ଡି ଅନ୍ତର୍ଗତ କେସରମାଲ ପଞ୍ଚାୟତର ବରପାଲିଠାରେ ଥିବା ଏକ ପରିତ୍ୟକ୍ତ ପୋଖରୀରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକ ହେଲେ କୃପା ସିଂ (୩୦) । ତାଙ୍କ ଘର ଝାଡ଼ଖଣ୍ଡରେ । ସେ ଗତ କିଛି ଦିନ ତଳେ ତାଙ୍କ ଭାଇ ବିହାରୀ ସିଂଙ୍କ ପାଖକୁ ଆସିଥିଲେ । ୩ ଦିନ ତଳେ ଗାଁକୁ ଯାଉଛି କହି ଭାଇ ପାଖରୁ ଚାଲି ଯାଇଥିଲେ । ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ସଂକ୍ଷେପରେ

### ସ୍ତ୍ରୀ ଟାଙ୍ଗିଆ ଚୋଟରେ ସ୍ୱାମୀ ମୃତ

ବୌଦ୍ଧ,୯।୧୧(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତର ଗୁଣ୍ଡୁରିସାହି (ମୁଖିବସ୍ତି)ଠାରେ ମଙ୍ଗଳବାର ସନ୍ଧ୍ୟାରେ ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀର ମୃତ୍ୟୁ ଘଟିଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମିଳିଥିବା ସୂଚନା ମୁତାବକ, ତରଣୀସେନ ପ୍ରଧାନ (୩୮) ମୁଖିବସ୍ତିର ନାରାୟଣ ମୁଖିଙ୍କ ଝିଅ କୁନୁଙ୍କୁ ବିବାହ କରି ଶ୍ୱଶୁର ଘରେ ଘର ଜ୍ୱାଇଁ ହୋଇ ରହି ଆସୁଥିଲେ। ସନ୍ଧ୍ୟାରେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ କୁନୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ୱାମୀର ଛାତି ଓ ବେକକୁ ଆକ୍ରମଣ କରିଥିଲେ। ଖବରପାଇ ଆଡେଣୀଗଡ ଫାଣ୍ଡି ଅଧିକାରୀ ପହଞ୍ଚି ଗୁରୁତର ତରଣୀସେନଙ୍କୁ ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁନୁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୁରୁଣାକଟକ ଥାନା ଅଧିକାରୀ, ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ପୋଲିସ ପକ୍ଷରୁ କେସ ନଂ ୧୨୬/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଟାଙ୍ଗିଆ ଜବତ କରିଛି।

### ବୋଲେରୋ ଓଲଟି ଗାଡ଼ି ମାଲିକ ମୃତ

ନୂଆପଡା ଅଫିସ/ ଖଡିଆଳ, ୯।୧୧ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା ଅରେଡା ଛକ ୩୫୩ ନଂ. ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଏକ ବୋଲେରୋ ଓଲଟି ପଡିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗାଡ଼ି ମାଲିକ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଜାମପଡା ଗାଁର ସୁଦର୍ଶନ ସାହୁ (୩୦)। ସୂଚନା ଯେ, ସୁଦର୍ଶନ ନିଜେ ବୋଲେରୋ (ନଂ.ଓଡି୦୩ସି-୪୭୨୯) ଚଲାଇ ତାଙ୍କ ସମ୍ପର୍କୀୟ ଦୁର୍ଯ୍ୟୁ ସାହୁ (୪୨)ଙ୍କ ସହିତ ଖଡିଆଳରେ ମରାମତି କରି ଘରକୁ ଫେରୁଥିଲେ। ଅରେଡା ଛକଠାରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁର୍ଯ୍ୟୁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଖଡିଆଳ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଖଡିଆଳ ଥାନାରେ ଏକ ମାମଲା (ନଂ.୪୨୬/୨୧) ରୁଜୁ ହୋଇଛି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଖଡିଆଳ ଥାନା ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

### ୱାଇଏମ୍ଏଫ୍ ଟୁର୍ଣ୍ଣାମେଣ୍ଟ: ଟେମରୀ ଚାମ୍ପିୟନ



ବୋଡେନ,୯।୧୧(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ କେରାପଦରଠାରେ ଚାଲିଥିବା ୱାଇଏମ୍ଏଫ୍ ଫୁଟ୍ବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ବୋଡେନ, ସିନାପାଲି ତଥା ଖଡିଆଳ ବ୍ଲକର ବିଭିନ୍ନ ଗ୍ରାମରୁ ୧୬ଟି ଦଳ ଭାଗ ନେଇଥିଲେ। ବୋଡେନ ଓ ଟେମରୀ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୧-୧ ଗୋଲରେ ଡ୍ର ହେବା ପରେ ଟାଇବ୍ରେକର୍ ଜରିଆରେ ଟେମରୀ ଦଳ ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ୱାଇଏମ୍ଏଫ୍ ସଭାପତି ଶରତଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମହମ୍ମଦ ଫାରୁକ୍, ସୌଦାଗର ସାହୁ, ନରେନ୍ଦ୍ର ନାଗ, ପ୍ରଜ୍ଞାପରମିତା ଖମାରୀ, ବିଶିକେଶନ ପଣ୍ଡା, ଧବଳେଶ୍ୱର ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳ ସହ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଧବଳେଶ୍ୱର ହରିଜନ, କୋଷାଧ୍ୟକ୍ଷ ନିଶିକାନ୍ତ ପଣ୍ଡାଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ହାତୀ ଉପଦ୍ରବ: ଘର, ପାଚେରି ଭାଙ୍ଗିଲା

କୁତ୍ରା,୯।୧୧(ଡି.ଏନ.ଏ.)

- ଫସଲ ଦଳି ଚକଟି ନଷ୍ଟ
- ଲୋକେ ରାତି ଅନିଦ୍ରା ହୋଇ ଜଗୁଛନ୍ତି

ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ ସୀମା ଟପିଲାଣି। ବର୍ଷ ସାରା ଏହି ଅଞ୍ଚଳରେ ହାତୀ ଭୟ ଲାଗି ରହିଛି। ସୋମବାର ଦିନ ଜୁରାଜମ ପର୍ବତ ପଟୁ ଏକ ଦନ୍ତା ହାତୀ ରାତି ପ୍ରାୟ ୮ଟା ବେଳେ ଆସି କୁତ୍ରା ଥାନା ପାଖରେ ରହୁଥିବା ମହେନ୍ଦ୍ର ଦାସଙ୍କ ପାଚେରି ଭାଙ୍ଗି ଦେଇଥିଲା । ପରେ ୧୦ ନମ୍ବର ରାଜ୍ୟ ରାଜପଥ ଅତିକ୍ରମ କରି ଟିକଲିପିଡା ଗ୍ରାମର ଧାନ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିଲା । ଏପରି କି ଅମଳ ହୋଇଥିବା ଫସଲ ଦଳି ମକଚି ନଷ୍ଟ କରି ଦେଇଛି । ଏହାଛଡା ରାତ୍ରିରେ ଅମରସନ ସିସିଙ୍ଗିଙ୍କ ଘର ଭାଙ୍ଗି ଦେଇଛି । ଘରେ ଥିବା ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଅଞ୍ଚଳର ଲୋକେ ବର୍ଷ ତମାମ ସନ୍ଧ୍ୟା ହେବା ମାତ୍ରେ ଭୟଭିତ ଅବସ୍ଥାରେ ରହୁଛନ୍ତି। ବିଶେଷ କରି ବ୍ଲକର ନୂଆଗାଁ, ପଞ୍ଚରା, କୁସୁମଡେଗି, ସିଆଲଜୋର, ଆମ୍ବଗୋଭା ପ୍ରଭୃତି ଅଞ୍ଚଳରେ ହାତୀ ମଣିଷ ଲଢେଇ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ହାତୀ ଘଉଡାଇବା ପାଇଁ ଗାଁ ଲୋକେ ରାତି ଅନିଦ୍ରା ହୋଇ ଜଗି ରହିବା ଦେଖିବାକୁ ମିଳୁଛି । ତେବେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯିବା ସହ ଘର ଦ୍ୱାର ନଷ୍ଟ ହେବାରୁ ଲୋକେ ଅସୁରକ୍ଷିତ ଭାବେ ଦିନ କାଟୁଛନ୍ତି । ଏହି ଅଞ୍ଚଳରେ ବର୍ଷ ସାରା ହାତୀ ଆତଙ୍କ ଲାଗି ରହିଥିଲେ ମଧ୍ୟ ବନ ବିଭାଗ ହାତୀ ଘଉଡାଇବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ହାତୀ ଉପଦ୍ରବ ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।



ହାତୀ ଭାଂଗି ଦେଇଥିବା ଘର ।

## ଦରବୃଦ୍ଧି ପ୍ରତିବାଦରେ ଏଏପିର ବିକ୍ଷୋଭ

ଦେବଗଡ଼,୯।୧୧(ଡି.ଏନ.ଏ)

ପେଟ୍ରୋଲ, ଡିଜେଲ, ଇନ୍ଧନ ଗ୍ୟାସ, ବିଜୁଳି ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଆମ୍ ଆଦ୍ମୀ ପାର୍ଟି ଦେବଗଡ ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାର୍ଟିର ଜିଲା ଆବାହକ ବିଜୟ କୁମାର ପ୍ରଧାନ, ସମ୍ପାଦକ ରୋମାଞ୍ଚଳ ଖଡିରତ୍ନ ଓ ଉପଦେଷ୍ଟା ଜ୍ଞାନେନ୍ଦ୍ର କୁମାର ସାମଲଙ୍କ ନେତୃତ୍ୱରେ ଦଳର ବହୁ ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ତୈଳ, ଗ୍ୟାସ, ବିଜୁଳି ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଦାୟୀ କରି କଠୋର ସମାଲୋଚନା କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଯଶୋବନ୍ତ ଦେହୁରୀ ସ୍ମାରକପତ୍ର ଗ୍ରହଣ କରିଥିଲେ ।

## ଫଳ ବୋଝେଇ ଟ୍ରକ ଓଲଟି ୨ ଗୁରୁତର

କୁତ୍ରା,୯।୧୧( ଡି.ଏନ.ଏ.)

ସୁନ୍ଦରଗଡ ଜିଲା ୧୦ ନମ୍ବର ରାଜ୍ୟ ରାଜପଥର କୁତ୍ରା ଥାନା ନିକଟରେ ମଙ୍ଗଳବାର ସକାଳେ ମହାରାଷ୍ଟ୍ରରୁ କଲିକତା ଯାଉଥିବା ଏକ ଫଳ ବୋଝେଇ ଟ୍ରକ (ଆରଜେ ୧୯ ଜିଏଫ ୬୨୩୪) ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଗାଡି ଚାଳକ ସନ୍ତୋଷ କୁମାର ଏବଂ ହେଲପର ବିକାଶ କୁମାର ଗୁରୁତର ଆହତ ହୋଇଥିବା ଜଣାପଡିଛି । ଉଭୟଙ୍କୁ କୁତ୍ରା ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ କୁତ୍ରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଚାଳକଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ମା’ କଳାପାଟ ଠାକୁରାଣୀ ନାଟ୍ୟ ପରିଷଦ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ଲହୁଣୀପଡ଼ା,୯।୧୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପାଲି ଗ୍ରାମସ୍ଥିତ ମା’ କଳାପାଟ ଠାକୁରାଣୀ ନାଟ୍ୟ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଲେଇପୋଷ ସରପଞ୍ଚ ଶାନ୍ତି ଓରାମ ,ସମ୍ମାନିତ ଅତିଥି ଲହୁଣୀପଡ଼ା ଡାକ୍ତରଖାନାର ଡା,ଚିନ୍ମୟ କୁମାର ସାହୁ, ରାଜ କୁମାର ଜୟସ୍ୱାଲ ଓ ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରାମଚନ୍ଦ୍ର କିଷାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିର୍ମଳ ନାଏକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଆଧୁନିକ ଯୁଗରେ ଜନସାଧାରଣ ନିଜସ୍ୱ କଳା ସଂସ୍କୃତି ଠାରୁ ଦୂରେଇ ଯାଇ ପାଶ୍ଚାତ୍ୟ କଳା ସଂସ୍କୃତି ଓ ଇଣ୍ଟରନେଟକୁ ପ୍ରାଧାନ୍ୟ ଦେଉଛନ୍ତି । ଏଭଳି ସ୍ଥିତିରେ ଲୁକ୍କାୟିତ ପ୍ରାଚୀନ କଳା ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସବୁ ସ୍ତରରୁ ଉଦ୍ୟମ ଆବଶ୍ୟକ ଅଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶେଷରେ ଜଗଦୀଶ କିଷାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମା’ କଳାପାଟ ଠାକୁରାଣୀ ନାଟ୍ୟ ପରିଷଦ ତରଫରୁ ସାମାଜିକ ନାଟକ ‘ଦୁଃଖ ସରିବନି ମରିବା ଯାଏ’ ମଞ୍ଚସ୍ଥ ହୋଇଥିଲା। ଜୟନ୍ତ କୁମାର ବେହେରା, ଧନେଶ୍ୱର କିଷାନ, ରମେଶ ପ୍ରଧାନ, ସନ୍ତୋଷ ନାଏକ,ରଣଜିତ ପାତ୍ର, ନିରଞ୍ଜନ କିଷାନ ସମେତ ପରିଷଦର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୌହ, ବକ୍ସାଇଟ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ଲାଗି ଜନଶୁଣାଣି

ଟେନସା,୯।୧୧(ଡି.ଏନ.ଏ.)



ଜନଶୁଣାଣି ଶିବିରରେ ଅଧିକାରୀବୃନ୍ଦ ।

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ସାନିନ୍ଦପୁର ଲୌହ ଓ ବକ୍ସାଇଟ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଓ ଓରାଘାଟ ଗ୍ରାମର ୧୪୭.୧୦ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ମେସର୍ସ ରୁଙ୍ଗଟା ସନ୍ସ (ପ୍ରା) ଲିମିଟେଡ୍ ସାନିନ୍ଦପୁର ଲୌହ ପଥର ଓ ବକ୍ସାଇଟ ଉତ୍ପାଦନ କ୍ଷମତା ବାର୍ଷିକ ୮.୦୬ ନିୟୁତ ଟନରୁ ବାର୍ଷିକ ୧୬.୫ ନିୟୁତ ଟନକୁ ବୃଦ୍ଧି ଲାଗି ମଙ୍ଗଳବାର ଦିନ ଓରାଘାଟ ଗ୍ରାମସ୍ଥିତ ହନୁମାନ ମନ୍ଦିର ନିକଟ ଖେଳ ପଡିଆଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼. ବିନୋଦ ବିହାରୀ ଦାସ, ବୈଜ୍ଞାନିକ ବିଜୟ ଭୋଇ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ, ବଣାଇ ଅତିରିକ୍ତ ଏସପି ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ସାନିନ୍ଦପୁର ଲୌହ ଖଣିର ଡିଜିଏମ ସଞ୍ଜୟ କୁମାର ଆଚାର୍ଯ୍ୟ ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପରେ ସେମାନଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା । ପ୍ରଥମେ ଓରାଘାଟ ଗ୍ରାମର ଆନନ୍ଦ ବାରିକ, ସ୍ଥାନୀୟ ସରପଞ୍ଚ ଦିବାକର ନାଏକ, ସାମାଜିକ କର୍ମୀ ବାଦଲ ବାରିକ, କୋଇଡା ବିଜେଡି ସଭାପତି ରବିନାରାୟଣ ମିଶ୍ର, ଜିଲା ପରିଷଦ ସଭ୍ୟା ମିତାରାଣୀ ନାଏକ, ପରମେଶ୍ୱର ନାଏକ, ଲକ୍ଷ୍ମୀନାରାୟଣ ଜୟିଶ୍ୱାଲ, କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ପ୍ରମିଳା ନାଏକ, ବଣାଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଦୁରୀ , ଅନୀଲ ବର୍ଲା, ବସନ୍ତ କୁମାର ବାରିକ, ରଞ୍ଜିତ ବାରିକଙ୍କ ସମେତ ୪୨ରୁ ଊର୍ଦ୍ଧ୍ୱ ଲୋକ ଓରାଘାଟ ଖଣି ସପକ୍ଷରେ ମତାମତ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ, ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟ ଓ ଖେଳପଡ଼ିଆର ଉନ୍ନତୀକରଣ, ଅଧିକ ବୃକ୍ଷରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ରୁଙ୍ଗଟା ସନ୍ସ ପକ୍ଷରୁ ନିର୍ଦ୍ଦେଶକ ହୀରକ ମଜୁନଦାର ,ପ୍ରଶାସନ ବିଭାଗ ମୁଖ୍ୟ ରାମୁ ଅଗ୍ରୱାଲ, ରାମପାଲ ଚୌଧୁରୀ, ରୁଙ୍ଗଟା ପ୍ଲାଣ୍ଟ ମୁଖ୍ୟ ପ୍ରଣୟ ଦେଓ, ଅନନ୍ତ ଶଙ୍କର ମହାପାତ୍ର,ଏଲ ଏନ ରାଉତଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ସୁରକ୍ଷା ନିମନ୍ତେ ବଣାଇ ଅତିରିକ୍ତ ଏସପି ମଜବୁର ରେହେମାନଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂତନ ଜିଲା ଦୌରା ଜଜ୍ଙ୍କୁ ଓକିଲ୍ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ଦେବଗଡ଼,୯।୧୧(ଡି.ଏନ.ଏ.)

ଦେବଗଡ ଜିଲା ଓ ଦୌରାଜଜ୍ ଭାବେ ମଙ୍ଗଳବାର ବିଜୟ କୁମାର ପାତ୍ର ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ସଭାପତି ପ୍ରମଥେଶ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା ଓକିଲ ସଂଘ ଉପସଭାପତି ରୁଦ୍ରମଣି ବେହେରା, ସମ୍ପାଦକ ଟିକେଶ୍ୱର ଧଳ, ସହ ସମ୍ପାଦକ ବିରେନ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ରାଜକିଶୋର ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ନୂତନ ଜିଲା ଜଜ୍ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ସସ୍ମିତା ପର୍ହୀ, ସବ୍ଜଜ୍ ମିଶ ଶିବାନୀ, ଏସ୍ଡିଜେଏମ୍ ନେହା ଅଗ୍ରୱାଲା ଓ ଜେଏମ୍ଏଫ୍ସି. ଅବିନାଶ ନନ୍ଦ ଓ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶିଲା ପ୍ରିୟଦର୍ଶୀନୀ ପଣ୍ଡାଙ୍କ ସମେତ ସମସ୍ତ ଅଦାଲତର ମାଜିଷ୍ଟ୍ରେଟମାନେ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ଟିକେଶ୍ୱର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସଞ୍ଜୟ ସ୍ମାରକୀ କ୍ରିକେଟ: ଖୁଣ୍ଟୁଲାପାଲି ଚାମ୍ପିୟନ

ଅମରପାଲି,୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଡେଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ଚାଲିଥିବା ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଖଇରମାଲକୁ ହରାଇ ଖୁଣ୍ଟୁଲାପାଲି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ କରାଯାଇଥିଲା। ପ୍ରଥମ ଫର୍ମାଟ ୧୨ଓଭର ବିଶିଷ୍ଟ ହୋଇଥିଲା। ଖୁଣ୍ଟୁଲାପାଲି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୫ରନ କରିଥିଲା। ଜବାବରେ ଖଇରମାଲ ଦଳ ୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୧ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଖୁଣ୍ଟୁଲାପାଲି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୫୨ରନ କରିଥିଲା। ଜବାବରେ ଖଇରମାଲ ଦଳ ୬ଉଇକେଟ ହରାଇ ୩୫ ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଖୁଣ୍ଟୁଲାପାଲି ଦଳ ଚାମ୍ପିୟନ ହୋଇଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟଅତିଥି ଏବଂ ବହଲପଦର ସେବାସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମରେନ୍ଦ୍ର ମେଣ୍ଡିଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ କହ୍ନେଇ ପାତ୍ରଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଖୁଣ୍ଟୁଲାପାଲି ଦଳକୁ ନଗଦ ୩ହଜାର ୩୩୩ଟଙ୍କା ସହିତ ଟ୍ରଫି ଏବଂ ଏବଂ ରନର୍ସ ଅପ ଖଇରମାଲ ଦଳକୁ ନଗଦ ୨ହଜାର ୨୨୨ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇ ଥିଲା।

## ତାଳି ପକା କାମ କରି ଅର୍ଥ ଆତ୍ମସାତ ଅଭିଯୋଗ

ବାଉଁଶୁଣୀ,୯।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବରଗାଁ ପଞ୍ଚାୟତ ଅଫିସ ସମ୍ମୁଖ ରାସ୍ତାରେ ତାଳିପକା କାମ କରାଯାଇଛି। ଏହିସ୍ଥାନରେ କଂକ୍ରିଟ ଉପରେ କଂକ୍ରିଟ ପକାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଏହି ରାସ୍ତା କାମ ଜଣେ ଜନପ୍ରତିନିଧିଙ୍କ ସ୍ୱାମୀ କରିଛନ୍ତି । ତେବେ ରାସ୍ତା କାମରେ ଦୁର୍ନୀତି ହୋଇଥିବା ନେଇ ପଞ୍ଚାୟତବାସୀ ଗତ ୫ ତାରିଖରେ ଜିଲାପାଳ ଓ କଣ୍ଟମାଳ ବିଡିଓଙ୍କୁ ଜଣାଇଛନ୍ତି । ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ,ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ଓ ବୌଦ୍ଧ ଦୁର୍ନୀତି ନିବାରଣ ବିଭାଗ ଏସ୍ପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଏହି ପଞ୍ଚାୟତର ରାଜ ରଣା,ଦେବରାଜ ରାଉତ, ଚିନ୍ତାମଣି ବଗର୍ତ୍ତୀ ପ୍ରମୁଖ ଅଭିଯୋଗ କରିଥିବା ଜଣାଯାଇଛି ।

## ସିନାପାଲିରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ



ଜଣେ ମହିଳାଙ୍କୁ ମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

ସିନାପାଲି,୯।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ସିନାପାଲିସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଡ ବଣ୍ଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମ ଅଧ୍ୟକ୍ଷ ଅସିତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଅନ୍ୟତମ ଜିଲା ପରିଷଦ ସଦସ୍ୟ ଦୋଳକାନ୍ତି ମାଝି, ବ୍ଲକ ଅଧ୍ୟକ୍ଷା ତପସିନୀ ମାଝି, ବିଜେଡି ଯୁବ ସଭାପତି ପ୍ରଦୀପ ପ୍ରଧାନ, ରମେଶ ତିୱାରୀ, ସିନାପାଲି ସରପଞ୍ଚ ସୀତାରାମ ମେହେର, ବିଡିଓ ସଦାଶିବ ନାଏକ, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ତହସିଲଦାର ଲୋକନାଥ ଶବରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସିନାପାଲି ବ୍ଲକରେ ମୋଟ ୩୩ ହଜାର୨୫୦ ଜଣଙ୍କୁ ଏହି ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି।

## ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ

କୋକସରା,୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗଡରାମାଳ ସ୍କୁଲ ପଡିଆରେ ମଙ୍ଗଳବାର ଗୋ ସମ୍ବର୍ଦ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଚୈତନ୍ୟ ଚରଣ ସେଠୀଙ୍କ ତତ୍ତ୍ୱାବଧାନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ଏସ୍ଡିଭିଓ ଭବାନୀପାଟଣା ଗିରିଶ ଚନ୍ଦ୍ର ମହାନ୍ତି, ପିଡିଡିଆର୍ଡିଏ ସୁମେଶ ଉପାଧ୍ୟାୟ, କୋକସରା ବିଡିଓ ମନୀଷା ଦାସ, ଏସ୍ଡିଭିଓ ଧର୍ମଗଡ କୈଳାସ ଚନ୍ଦ୍ର ସାମନ୍ତ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଟେମରା ସମିତି ରାଜେନ୍ଦ୍ର ନାଏକ, କୋକସରା ବ୍ଲକ ଆତ୍ମା ଅଧ୍ୟକ୍ଷ ଋତୁରାଜ ମାଝି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏଥିରେ ୨ ଶହରୁ ଊର୍ଦ୍ଧ୍ୱ ଗୋ ଚାଷୀ ଯୋଗଦେଇଥିବା ବେଳେ ୪୨ଟି ଶଙ୍କର ଜାତିଅ ଦୁଧିଆ ଗାଇ ଓ ୩୨ଟି ଶଙ୍କର ଜାତୀୟ ମାଇ ବାଛୁରୀ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିଓ କୋକସରା ଡ. ପ୍ରଶାନ୍ତ କୁମାର ପରିଡା, ଭିଏସ୍ ସଂଗ୍ରାମ କିଶୋରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉନ୍ନତ ଓ ଉତ୍କୃଷ୍ଟ ଗାଇ ପାଳନ ପାଇଁ ୩ଜଣ ଗୋ ଚାଷୀ ସାରଙ୍ଗିନୀ ପ୍ରଧାନୀ, ଚୈତଣ୍ୟ ବେମାଲ ଓ ନରହରି ଭାଟିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କୁ ନେଇ ଭାରତୀୟ ସଂସ୍କୃତିରେ ଗୋ ପାଳନର ଅବଦାନ ଉପରେ ଆୟୋଜିତ ପ୍ରତିଯୋଗୀତାରେ କୃତୀ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଭିଓ କୋକସରା ପରମାନନ୍ଦ କୁମାର ପରିଡା, ଭିଏସ୍ କୋକସରା ସଂଗ୍ରାମ କେଶୋରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଡ. କେଦାରନାଥ ଖମାରୀ ପରିଚାଳନା କରିଥିଲେ।

## କବାଡି ପ୍ରତିଯୋଗିତା: ମାଗୁରପାଣି ଚାମ୍ପିୟନ

ପାଇକମାଳ,୯।୧୧(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଭୁତମୁଣ୍ଡା ସ୍ପୋର୍ଟସ କ୍ଲବ ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ବୁଢ଼ାରଜା କବାଡି ପ୍ରତିଯୋଗିତାରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟଙ୍ଗୋପାଣିକୁ ହରାଇ ମାଗୁରପାଣି ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିଥିଲା। ଏଥିରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନ ମ୍ୟାଚ୍ରେ ଗ୍ରାମ୍ୟ କମିଟି ସଭାପତି ସୁବାଷ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଉଦ୍ଘାଟନ କରିଥିଲେ। ସୋମବାର ଉଦଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ ମୁଖ୍ୟଅତିଥି, ଡା. ରାକେଶ ସାହୁ, ସାମାଜିକ କର୍ମୀ ମହେନ୍ଦ୍ର ଖୁଣ୍ଟିଆ, ଗିରିଶ ତନସନା, ଲଳିତ ଜଗତ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ମହାନ୍ତି, ସୁଦର୍ଶନ ଦୋରା, ମାନସ ମହାନ୍ତି, କ୍ଷୀରସିନ୍ଧୁ ହରିପାଲ, ଗଜେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ମାଗୁରପାଣି ଦଳକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଟଙ୍ଗୋପାଣିକୁ ନଗଦ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ତୃତୀୟ ପୁରସ୍କାର ଭୁତମୁଣ୍ଡା ଦଳ ଓ ଚତୁର୍ଥ ପୁରସ୍କାର ଦର୍ଲିମୁଣ୍ଡାକୁ ପ୍ରଦାନ କରାଯାଇଥିଲା। ରେଫରୀ ଗୋକୁଳ ଦଣ୍ଡସେନ, ବୈବସ୍ୱତ ପ୍ରଧାନ, ସୁଦର୍ଶନ ମହାକୁଡ, ହେମସାଗର ସାହୁ, ଜୀବଲାଲ ନାଏକ, ଅନିଲ ରାଉତ, ଚମନ ରାଉତ, ଅଜିତ ପ୍ରଧାନ, ପ୍ରେମଚାନ୍ଦ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ନୂଆପଡ଼ା ଅଫିସ,୯।୧୧

ତୈଳ ଦର, ଗ୍ୟାସ୍, ବିଦ୍ୟୁତ୍, ପନିପରିବା ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଆମ ଆଦମୀ ପାର୍ଟି ପକ୍ଷରୁ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ପେଟ୍ରୋଲ ଦର ଶହେରୁ ଊର୍ଦ୍ଧ୍ୱ ରହିଥିବା ବେଳେ ଖାଇବା ତେଲ ୨ଶହ ଓ ରନ୍ଧନ ଗ୍ୟାସ ୧ ହଜାରକୁ ଟପି ଗଲାଣି। ନିତ୍ୟ ବ୍ୟବହାର୍ଯ୍ୟଜିନିଷ ଡାଲି ଜାତୀୟ ଦ୍ରବ୍ୟ, ଆଳୁ, ପିଆଜର ଅହେତୁକ ଦର ବୃଦ୍ଧି ହେଉଥିବା ବେଳେ ପନିପରିବା ଦର ଆକାଶ ଛୁଆଁ ହୋଇଥିବାରୁ ସାଧାରଣ ଖାଉଟି ହନ୍ତସନ୍ତ ହୋଇପଡିଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ବାଣିଜିକ ରନ୍ଧନ ଗ୍ୟାସ ଆଦି ଉପରେ ଉଭୟ ସରକାର ଟିକସ ହ୍ରାସ କରି ଦର ବୃଦ୍ଧିର ପୂର୍ବବସ୍ଥାକୁ ଫେରାଇ ଆଣନ୍ତୁ। ରାଜ୍ୟ ସରକାର ତୁରନ୍ତ ୨ ଶହ ୟୁନିଟ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ସମସ୍ତ ପରିବାରକୁ ମାଗଣା ବିଜୁଳି ଓ ଅନ୍ୟ ବିଜୁଳି ଉପଭୋକ୍ତାମାନଙ୍କୁ ଦର ହ୍ରାସ କରନ୍ତୁ। ଆଳୁ, ପିଆଜ ଓ ପନିପରିବା ଦର ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଆମ ଆଦମୀ ପାର୍ଟି ଦାବି କରିଛି। ବିକ୍ଷୋଭ ପ୍ରଦର୍ଶନରେ ଆମ ଆଦମୀ ପାର୍ଟିର ଜିଲା ଆବାହକ ରଙ୍ଗାଧର ମାଝି, ହିତେଶ ପାଣ୍ଡେ, ଜୟଦେବ ଦୁରିଆ, ରମଣ ଦାସ, ବିଜୟ ମାଝି, ସତ୍ୟବ୍ରତ ମାଝି, ଚିନ୍ତାମଣି କୈବର୍ତ୍ତ, ଲଳିତ ପାଣ୍ଡେ, ଦୁରବଲ ମାଝି, ରାଜୁ ସତନାମି, ଆକାଶ ମଲ୍ଲିକ, ଅକ୍ଷୟ ପାଣ୍ଡେ ପ୍ରମୁଖ ସାମିଲ ଥିଲେ ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲା ହୀରାକୁଦ ଥାନା ଏକ ମୋବାଇଲ ଦୋକାନ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଚୋରି ମୋବାଇଲ ଓ ଅନ୍ୟ ସାମଗ୍ରୀ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ରିଷ୍ଣା ଦୀପ (୧୯), ସୁରେଶ ବାରିକ (୩୨) ଓ ମନୋଜ ଗଉଡ (୨୪)। ଏମାନଙ୍କ ସହ ଦୁଇ ନାବାଳକ ମଧ୍ୟ ରହିଛନ୍ତି। ଏ ନେଇ ହୀରାକୁଦ ଥାନାରେ କେସ୍ ନଂ୨୫୪/୨୧ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ଦୁର୍ଗାମନ୍ଦିର ଛକରେ ଶ୍ରୀକାନ୍ତ ବେହେରାଙ୍କ ମୋବାଇଲ ଦୋକାନ ରହିଛି। ଗତ ୭ ତାରିଖ ରାତିରେ ଦୋକାନ କବାଟ ତାଡି ଚୋରି ହୋଇଥିଲା। ଏ ନେଇ ଶ୍ରୀକାନ୍ତ ୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଏଏପି ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୯।୧୧(ଡି.ଏନ.ଏ.):** ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ୭ଦଫା ସମ୍ବଳିତ ଦାବିପତ୍ର ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଆବାହକ ଲିଙ୍କନ କିଣ୍ଡୋଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ଦିଆଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ବର୍ଦ୍ଧିତ ଦର ପ୍ରତ୍ୟାହାର, ରାଜ୍ୟ ସରକାର ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇ ବର୍ଦ୍ଧିତ ଦର ହ୍ରାସ କରିବା, ଗରିବ କଲ୍ୟାଣ ଯୋଜନାରେ ବନ୍ଦ ଥିବା ଖାଦ୍ୟାନ୍ନ ପୁନଃ ପ୍ରଚଳନ, ପରିବା ଦର ନିୟନ୍ତ୍ରଣ ଅନ୍ୟତମ।

### ଯୋଗଦେଲେ ନୂତନ ଏଡିପିଆର୍‌ଓ

**ସମ୍ବଲପୁର,୯।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏଡିପିଆର୍‌ଓ) ଭାବେ ଫକୀର ମୋହନ ମାଝି ଯୋଗଦାନ କରିଛନ୍ତି।



ସେ ପୂର୍ବରୁ ଗଞ୍ଜାମ ଜିଲା ଭଞ୍ଜନଗର ସବ୍‌ଡିଭିଜନରେ କାର୍ଯ୍ୟରତ ଥିଲେ। ସେ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ଏଡିପିଆର୍‌ଓ ନନ୍ଦିନୀ ମୁଣ୍ଡାରୀଙ୍କ ସୁନ୍ଦରଗଡ଼ ଜିଲା ଏଡିପିଆର୍‌ଓ ଭାବେ ବଦଳି ହୋଇଛି।

### ମମିତାଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ

**ରାଉରକେଲା ଅଫିସ,୯।୧୧:** ମମିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଉରକେଲା ବିଶ୍ରା ଛକରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଭାଜପାର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, କଳ୍ପନା ଲେଙ୍କା, ପ୍ରମିଳା ଦାଶ, କମଳେଶ ସାହା, ଅଙ୍କୁଶ ବର୍ମା, ବିନ୍ଦର ସିଂହ, ରୋଶନ ସାହୁ, ହିରୋଜ ରାୟ, ଶେଖ୍ ମୁଜାହିଦ, ବସନ୍ତ ସାମଲଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ



**କୁଚିଣ୍ଡା, ୯।୧୧(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ସାତକମାଠାରେ ମଙ୍ଗଳବାର ୭୦ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୀନବନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପାଳନ ଦ୍ୱାରା ଚାଷୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କିଶୋର କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଉପଜିଲାପାଳ ଆଦିତ୍ୟ ଗୋଏଲ, ଜିଲାପରିଷଦ ସଭ୍ୟା ଲିଲିମା କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସଞ୍ଜୀବ କୁମାର ପଟେଲ ଓ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ କୁମାର ସାମଲଙ୍କ ମିଳିତ ଉଦ୍ୟମରେ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ, ଜୀବିକା ମିଶନ ଜିଲା ପ୍ରକଳ୍ପ ଅଧିକାରୀ, ଜିଲା ଉଦ୍ୟାନ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ୨ ଶହରୁ ଊର୍ଦ୍ଧ୍ୱ ଗୋପାଳକଙ୍କ ମଧ୍ୟରେ ବୈଜ୍ଞାନିକ ମତ ବିନିମୟ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଉତ୍ତମ ଗାଈ ପାଳନ କ୍ଷେତ୍ରରେ ନେପାଳ ପୃଷେଠ, ଦିଲିପ ପଟେଲ ଓ ସୁରେଶ ପଟେଲ, ଛେଳି ପାଳନରେ ସୁପଲତା ସାଇଁ, ଚିତ୍ତରଞ୍ଜନ ପଟେଲ ଓ ଯୋଗେନ୍ଦ୍ର ପଟେଲ ଏବଂ ବାଛୁରି ପାଳନରେ ବୈଦେହୀ ପ୍ରଧାନ, ହୃଦାନନ୍ଦ ନାୟକଙ୍କୁ ମାନପତ୍ର ଓ ନଗଦ ଅର୍ଥ ରାଶି ଦେଇ ପୁରସ୍କୃତ କରାଯାଇଥିଲା।

# ପ୍ରକଳ୍ପ ଆଗରେ ଅନଶନ, ଧାରଣା




ଓପିଜିସି ଫାଟକର ଗୋଟିଏ ପଟେ ବିସ୍ଥାପିତଙ୍କ ଅନଶନ ଓ ଅନ୍ୟପଟେ ଗଣଧାରଣା।

**ଝାରସୁଗୁଡ଼ା ଅଫିସ,୯।୧୧**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପ ଫାଟକ ସମ୍ମୁଖରେ ବିସ୍ଥାପିତମାନେ ମଙ୍ଗଳବାରଠାରୁ ପୃଥକ୍ ଭାବେ ଆମରଣ ଅନଶନ ଓ ଧାରଣା ଦେଇଛନ୍ତି।

ସ୍ଥାୟୀ ନିଯୁକ୍ତି ଦାବିରେ ଫଳସାମୁଣ୍ଡା ଗ୍ରାମର କେତକୀ ପ୍ରଧାନ, ବାରଗାଡ ଗ୍ରାମର ତପସ୍ୱିନୀ ନାଏକ, ଭଗବତୀ ପ୍ରଧାନ ଓ ସତ୍ୟଜିତ ନାଏକ ଦିନ ସାଢେ ୧୧ଟାରୁ ଅନଶନରେ ବସିଥିଲେ। କୌଣସି କାରଣରୁ କେତକୀ ଅନଶନରୁ ଉଠିଯାଇଥିବାବେଳେ ଅନ୍ୟ ୩ଜଣ ଅନଶନ ଜାରି ରଖିଛନ୍ତି। ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତପସ୍ୱିନୀ ଓ ଭଗବତୀଙ୍କ ଉଚ୍ଚ ରକ୍ତଚାପ ଥିବା ଜଣାପଡିଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ବନହରପାଲି ଥାନା ଆଇଆଇସି ରଶ୍ମିତା ବେହେରା ଏହି ୨ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସତ୍ୟଜିତ ଫାଟକ ସମ୍ମୁଖରେ ଏକାକି ଅନଶନରେ ବସିରହିଛନ୍ତି। ସେହିପରି ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ବାରଗାଡ, ବନହରପାଲି, ତେଲେନପାଲି ଆଦି ଗ୍ରାମର ବିସ୍ଥାପିତଙ୍କ ସମସ୍ୟା ଓପିଜିସି ଦ୍ୱାରା ଅସମାହିତ ରହିଛି। ଏ ନେଇ ୨୧ଜଣ ବିସ୍ଥାପିତ ବାସଚ୍ୟୁତ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ମାଧ୍ୟମରେ ଗତ ଜୁଲାଇ ୧୪ରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଶିବ ଟପ୍ପୋ କମ୍ପାନୀ କର୍ତ୍ତୃପକ୍ଷ ଓ ବିସ୍ଥାପିତଙ୍କୁ ନେଇ ଗତ ଅଗଷ୍ଟ ୬ରେ ଆଲୋଚନା କରିଥିଲେ। ବିସ୍ଥାପିତଙ୍କ ସମସ୍ୟା ସମାଧାନ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ପାଳନ କରି ନ ଥିଲେ। ଫଳରେ ବିସ୍ଥାପିତଙ୍କ ତରଫରୁ ସଂଗ୍ରାମ ସମିତି ଜରିଆରେ ଗତ ୨୭ରେ ପୁନର୍ବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନକରି ନଭେମ୍ବର ୯ରୁ ଗଣଧାରଣା ଦେବେ ବୋଲି ଜଣାଇଥିଲେ। ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା ନ କରିବାରୁ ଶେଷରେ ବିସ୍ଥାପିତମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହୋଇଥିବା କହିଛନ୍ତି।

# ହାତୀ ଉପଦ୍ରବରେ ଧାନ ଫସଲ ନଷ୍ଟ

**ରେଢାଖୋଲ,୯।୧୧(ଡି.ଏନ.ଏ.)**

ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତର ଶଗଡିଆପଦର, ବିଶିପାଲି, ଧଉରାଖମନ, ଆମ୍ବଝରୀ ଗ୍ରାମରେ ସୋମବାରଠାରୁ ୧୨ରୁ ଊର୍ଦ୍ଧ୍ୱ ହାତୀପଲ ପାଚିଲା ଧାନ କ୍ଷେତରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଲୋକେ ହାତୀ ଘଉଡାଇବା ଉଦ୍ୟମ କରି ବିଫଳ ହେଉଛନ୍ତି। ବନବିଭାଗ ଟିମ୍ ପହଞ୍ଚି ହାତୀପଲ ଘଉଡାଇବା ଉଦ୍ୟମ କରିଛନ୍ତି। ଚଳିତବର୍ଷ ବର୍ଷା ଅଭାବରୁ ଧାନ ଚାଷ ଠିକ୍ ଭାବେ ହୋଇପାରି ନାହିଁ। ଏପରିସ୍ଥଳେ ହାତୀ ଫସଲ ନଷ୍ଟ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଭାଲେଣି ପଡିଲାଣି। ଧର୍ମେନ୍ଦ୍ର କହଁର, ନରେନ୍ଦ୍ର କହଁର, ସୁଧାଂଶୁ ଶେଖର ବେହେରା, ବିରେନ୍ଦ୍ର କହଁର, ପଦ୍ମ ଡାଙ୍ଗ, କପିଳ ଡାଙ୍ଗ, ପରମା ସେଠ ପ୍ରମୁଖ ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ରେଢାଖୋଲ ଏନ୍‌ଏସିର ଡିମିରିକୁଦା, ପାଡୁଲିପାଲି ଗ୍ରାମରେ ହାତୀପଲ ଉପଦ୍ରବ କରୁଛନ୍ତି। ଗତ ମାସରେ ଡିମିରିକୁଦା ଗ୍ରାମରେ ଏକ ହାତୀ କାକା ପୁତୁରାଙ୍କୁ ଦଳି ମାରିଦେଇଥିଲା। ତେଣୁ ହାତୀପଲ ଧାନଫସଲ ନଷ୍ଟ କରୁଥିଲେ ହେଁ ଭୟରେ ଲୋକେ ଯାଉନାହାନ୍ତି। ବନ ବିଭାଗ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।



ହାତୀ ଉପଦ୍ରବରେ ନଷ୍ଟ ଧାନଫସଲ।

# ବ୍ୟାଙ୍କସଖୀଙ୍କୁ ନେଇ କର୍ମଶାଳା

**ସମ୍ବଲପୁର,୯।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବ୍ୟାଙ୍କ ସଖୀମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଜିଲାପାଳ ଶୁଭମ୍ ସକ୍‌ସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତ ସ୍ତରରେ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ମିଶନ ଶକ୍ତି ସଂଯୋଜକ ନିରଞ୍ଜନ ପଣ୍ଡା କର୍ମଶାଳାକୁ ପରିଚାଳନା କରିଥିଲେ। ବ୍ୟାଙ୍କର ପ୍ରିୟ ରଞ୍ଜନ ସ୍ୱାଇଁ ନୂଆ ନିଯୁକ୍ତି ପାଇଥିବା ବ୍ୟାଙ୍କ ସଖିମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ୭ ବ୍ଲକର ମୋଟ ୩୨ ଜଣ ବ୍ୟାଙ୍କସଖି ଯୋଗ ଦେଇଥିଲେ।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳା।

# ୮୦ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ରାଉରକେଲା ଅଫିସ୍,୯।୧୧**

ରାଉରକେଲା ଛେଣ୍ଡ ପବ୍ଲିକ ସ୍କୁଲ ପରିସରରେ ଗତ ୭ ତାରିଖରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରଧାନ ଶିକ୍ଷକ ରାଜକିଶୋର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆଞ୍ଚଳିକ ଅଧ୍ୟକ୍ଷ ଭାରତ ଲାଖାନୀ, ରାଉରକେଲା ଲାୟନ୍ସ କ୍ଲବ ଅଧ୍ୟକ୍ଷ ଡାକ୍ତର ଜ୍ୟୋତି ସ୍ୱାଇଁ, ସମ୍ପାଦକ ଅକ୍ଷୟ ଜେନା, ସୁନୀତା ଶ୍ରୀନିବାସନ, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ କରୁଣାକର ବାରିକ, ଉପସଭାପତି କୃଷ୍ଣଚନ୍ଦ୍ର ରାଉତ, ଉପଦେଷ୍ଟା ରବିନ୍ଦ୍ର ନାଥ ପଣ୍ଡା ଏବଂ ଅଶୋକ କୁମାର ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ସାମ୍ପ୍ରତିକ ସ୍ଥିତିରେ ଝିଅମାନେ ଆତ୍ମରକ୍ଷା କୌଶଳ ଶିଖିବା ଅପରିହାର୍ଯ୍ୟ ହୋଇପଡିଛି। ଏହାଦ୍ୱାରା ଛାତ୍ରୀମାନଙ୍କ ଆତ୍ମବିଶ୍ୱାସ ସହ ଏକାଗ୍ରତା ବୃଦ୍ଧି ପାଇବ ବୋଲି ଅତିଥିମାନେ ମତ ଦେଇଥିଲେ। ଶିବିରରେ ବିଦ୍ୟାଳୟର ପ୍ରାୟ ୮୦ଜଣ ଛାତ୍ରୀ ଯୋଗଦେଇ ଆତ୍ମରକ୍ଷା କୌଶଳ ଉପରେ ତାଲିମ ନେଉଛନ୍ତି। ପ୍ରଶିକ୍ଷିକା କାଜଲ ପାଣ୍ଡେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଉପରେ ତାଲିମ ଦେଉଛନ୍ତି। ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ ଏବଂ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ ସହଯୋଗ କରିଥିଲେ।



ଛେଣ୍ଡ ପବ୍ଲିକ ସ୍କୁଲରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଦିଆଯାଉଛି।

# ଗଞ୍ଜେଇ ଚାଷ ଉପରେ ମିଳିତ ଚଢ଼ାଉ

**ନାକଟିଦେଉଳ,୯।୧୧(ଡି.ଏନ.ଏ.)**

ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତର ହିତସରା ଗ୍ରାମ ନିକଟ ଜଙ୍ଗଲରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ମଙ୍ଗଳବାର ପୋଲିସ, ଅବକାରୀ, ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଚଢାଉ ସମୟରେ ୫ଟି ପ୍ଲଟରୁ ସମୁଦାୟ ୩୩୫୦ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ମାଜିଷ୍ଟ୍ରେଟ



ଦାୟିତ୍ୱରେ ଥିବା ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛଗୁଡ଼ିକରେ ନିଆଁ ଲଗାଇ ପୋଡ଼ି ଦିଆଯାଇଥିଲା। ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ନାକଟିଦେଉଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର, ରେଢାଖୋଲ ଅବକାରୀ ନିରୀକ୍ଷକ ବିଷ୍ଣୁଚରଣ ମଲ୍ଲିକ, ବାଟଗାଁ ଫରେଷ୍ଟର ଅନିଲ କୁମାର କିଷାନ, ରାଜସ୍ୱ ନିରୀକ୍ଷକ ଦୀପକ କୁମାର ବେହେରା ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ହିତସରା ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ସମ୍ପର୍କରେ ଖବର ମିଳିବା ପରେ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୭ତାରିଖରେ ପ୍ରଶାସନ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ସେ ସମୟରେ ୪ଟି ପ୍ଲଟର ୧୧ ଡେସିମିଲ ଜମିରୁ ୧୪୫୦ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା।

# ଐତିହାସିକ ପୋଷ୍ଟ ଅଫିସର ପୁନରୁଦ୍ଧାର ହେବ

**ଝାରସୁଗୁଡ଼ା ଅଫିସ,୯।୧୧**

ଝାରସୁଗୁଡ଼ା ଗସ୍ତର ଦ୍ୱିତୀୟ ଦିନରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଝାରସୁଗୁଡାର ଐତିହାସିକ ପୋଷ୍ଟଅଫିସ ପରିଦର୍ଶନ କରିଥିଲେ। ୧୮୮୨ ମସିହାରେ ସ୍ଥାପିତ ହୋଇଥିବା ପୋଷ୍ଟଅଫିସ ଝାରସୁଗୁଡ଼ାର ମୂକସାକ୍ଷୀ ହୋଇରହିଛି। ଏହି ପୁରାତନ କୋଠାର ପୁନରୁଦ୍ଧାର କରାଯାଇ ଉନ୍ନତୀକରଣ କରାଯିବ। ଏଥିରେ ପୋଷ୍ଟାଲ୍ ଓ ରେଳବିଭାଗ ମିଶି କାମ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ପରେ ମନ୍ତ୍ରୀ ଝାରସୁଗୁଡ଼ା ରେଳଷ୍ଟେଶନ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ରେଳ ଷ୍ଟେଶନର ମାନଚିତ୍ର, କଣ୍ଟ୍ରୋଲ ରୁମ୍, ପ୍ଲାଟ୍‌ଫର୍ମ ଆଦି ବୁଲି ଦେଖିଥିଲେ। ଷ୍ଟେଶନରେ ଥିବା ଟି' ଷ୍ଟଲ୍‌ରେ ଚା, ବିସ୍କୁଟ୍ ଖାଇ ବ୍ୟବସାୟୀ ଓ ଯାତ୍ରୀଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଥିଲେ, ଝାରସୁଗୁଡା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ। ଏହି ରେଳଷ୍ଟେଶନ ୩ ଡିଭିଜନ୍‌ର ଜଙ୍କଶନ୍ ରହିଛି। ୩ଜୋନ୍‌ର କିଭଳି ଇଣ୍ଟିଗ୍ରେଟେଡ୍ ଅପରେଶନ ହୋଇପାରିବ ଏହା ଉପରେ ଧ୍ୟାନ ଦିଆଯିବ। ରେଳ ଷ୍ଟେଶନର ଆଧୁନିକରଣ, ସଫାସୁତୁରା, ଯାତ୍ରୀଙ୍କ ରହଣୀ ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଏହାପରେ ସେ ସ୍ଥାନୀୟ ମଙ୍ଗଳବଜାରସ୍ଥିତ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ପରେ ମନ୍ତ୍ରୀ ଭିଏସ୍‌ଏସ୍ ବିମାନ ବନ୍ଦରରୁ ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ରେଳମନ୍ତ୍ରୀଙ୍କ ଏହି ୨ଦିନିଆ ଗସ୍ତରେ ରାଜ୍ୟର ବହୁ ଭାଜପା ନେତୃବୃନ୍ଦ ସାମିଲ ହୋଇଥିଲେ।



ରେଳଷ୍ଟେଶନ ପରିଦର୍ଶନ ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟି ଷ୍ଟଲ୍‌ରେ ଚା ପିଉଛନ୍ତି।

# ମିତ୍ରଭାନୁ ଗୌନ୍ତିଆଙ୍କୁ ଶୁଭେଚ୍ଛା

**କୁଚିଣ୍ଡା,୯।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ଜରାବଗା ପଞ୍ଚାୟତ ଅନ୍ତର୍ଗତ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ବିଶିଷ୍ଟ ଗୀତିକାର ତଥା ସାହିତ୍ୟିକ ମିତ୍ରଭାନୁ ଗୌନ୍ତିଆଙ୍କୁ ୨୦୨୦ବର୍ଷ

**୧୩ରେ ଗାଁରେ ହେବ ସ୍ୱତନ୍ତ୍ର ଉତ୍ସବ**

ପାଇଁ ସୋମବାର ମର୍ଯ୍ୟାଦାଜନକ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଆନୁଷ୍ଠାନିକ ଭାବେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି। ସୋମବାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଥିପାଇଁ ତାଙ୍କ ଗ୍ରାମ ରଙ୍ଗବତୀ ବିଲୁଙ୍ଗ ତଥା କୁଚିଣ୍ଡା ଉପଖଣ୍ଡରେ ଆନନ୍ଦର ଲହରୀ ଖେଳିଯାଇଛି। ଆସନ୍ତା ୧୩ ତାରିଖରେ ତାଙ୍କ ଗାଁ ରଙ୍ଗବତୀ ବିଲୁଙ୍ଗରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇ ଅଞ୍ଚଳ ପକ୍ଷରୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି।



ମିତ୍ରଭାନୁଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

# ପ୍ରତି ୱାର୍ଡରେ ଖୋଲିବ ସେବାକେନ୍ଦ୍ର

**ସମ୍ବଲପୁର,୯।୧୧(ବ୍ୟୁରୋ)**

ଭାରତୀୟ ଜାତୀୟ କଂଗ୍ରେସର ମୂଳ ଲକ୍ଷ୍ୟ ଜନ ସାଧାରଣଙ୍କ ସେବା କରିବା। ତେଣୁ ଜାରି ରହିଥିବା ସେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ୱାର୍ଡରେ ସେବା କେନ୍ଦ୍ର ଖୋଲାଯିବ। ଏଥିରେ ଅତି କମ୍‌ରେ ୫ଜଣ ସଭ୍ୟ ରହିବେ। ଲୋକଙ୍କ ସମସ୍ୟା ସମାଧାନ କରିବା ସେମାନଙ୍କର ମୁଖ୍ୟ କାମ ହେବ ବୋଲି ଜିଲା କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ଜିଲା ପ୍ରଭାରୀ ଯଜ୍ଞେଶ୍ୱର ବାବୁ କହିଥିଲେ।

ସେ ଆହୁରି କହିଥିଲେ, ଜନସାଧାରଣଙ୍କୁ ପାଖକୁ ଯିବା ପାଇଁ ନଭେମ୍ବର ୧୪ ତାରିଖଠାରୁ ସମଗ୍ର ଦେଶରେ ଜନଜାଗରଣ ଯାତ୍ରା କରାଯିବ। ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟରେ ୧୫ ଲକ୍ଷରୁ ଅଧିକ ସଭ୍ୟ ସଂଗ୍ରହ କରାଯିବ। ପ୍ରତି ସଭ୍ୟଙ୍କ ପାଖରୁ ମାତ୍ର ୫ଟଙ୍କା ନିଆଯିବ। ୱାର୍ଡ ଓ ଜୋନ ସ୍ତରରେ ସଭ୍ୟମାନେ ରହିବେ। ସେମାନେ ଆବାସ ଯୋଜନା, ଜମି ପଟ୍ଟା, ବିଧବା ଓ ଅନ୍ୟାନ ଭତ୍ତା ସମସ୍ୟା ସମାଧାନ ପାଇଁ କାମ କରିବେ। ପୂର୍ବତନ ବିଧାୟକ, ଏମ୍‌ପି, ମନ୍ତ୍ରୀମାନେ ଗୋଟିଏ ଜିଲାକୁ ପୋଷ୍ୟ ଭାବେ ଗ୍ରହଣ କରିବେ। ସେମାନେ ପରିଚାଳନା କରିବା ମୁଖ୍ୟ ଦାୟିତ୍ୱ ରହିବ। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ସେଲ ଅଧ୍ୟକ୍ଷ ଜ୍ଞାନ ବେଉରିଆ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ରାଜେନ୍ଦ୍ର ଛତ୍ରିଆ, ନିହାର ମହାନନ୍ଦ ବ୍ୟକ୍ତବ୍ୟ ଦେଇ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳର ନୂତନ ରଣନୀତି ଉପରେ ଆଲୋକପାତ କରିଥିଲେ। ସ୍ମିତା ଦେହୁରି, ଦୁଲାଲ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ପ୍ରେମ ପ୍ରକାଶ ସାହାଣୀ, ଦୟା ସାଗର ମେଣ୍ଡୋଲିଜ, ବିପିନ ବିହାରୀ ପ୍ରଧାନ ଆଲୋଚନାରେ ଭାଗନେଇଥିଲେ। ଜିଲା ମହିଳା କଂଗ୍ରେସ ସଭାପତି ସୁତପା ମିତ୍ର ଧନ୍ୟବାଦ ଦେଇଥିଲେ।




ଜିଲା କଂଗ୍ରେସ ଅଫିସରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ନେତୃମଣ୍ଡଳୀ।

# ଗରିବ ଲୋକଙ୍କୁ ମାଗଣା ଚିକିତ୍ସା

**ରାଉରକେଲା ଅଫିସ୍, ୯।୧୧**

ବୟସାଧିକ୍ୟ, ଅନିୟମିତ ଜୀବନପ୍ରଣାଳୀ, ମେଦ ବହୁଳତା, ଭିନ୍ନକ୍ଷମତା, ମଧୁମେହ, ଉଚ୍ଚରକ୍ତଚାପ ଯୋଗୁ ଶରୀରରେ ଆଣ୍ଠୁଗଣ୍ଠି ରୋଗ, ବେକ ଓ ମେରୁଦଣ୍ଡରେ ଯନ୍ତ୍ରଣା, ପାରାଲିସିସ୍ ଏବଂ ସ୍ନାୟବିକ ଦୁର୍ବଳତା ଆଦି ସମସ୍ୟା ଦେଖାଦେଇଥାଏ। ଏହିସବୁ ରୋଗ ଓ ଶାରୀରିକ ସମସ୍ୟାର ଚିକିତ୍ସା ଲାଗି ଫିଜିଓଥେରାପି ଚିକିତ୍ସା ଆବଶ୍ୟକ ହୋଇଥାଏ। ବହୁ ଗରିବ ଲୋକ ଏହି ବ୍ୟୟବହୁଳ ଚିକିତ୍ସା ପାଇବା ସମ୍ଭବ ହୋଇ ନ ଥାଏ। ଏହାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର (ଆରଆରଆରସି) ଛେଣ୍ଡ କଳିଙ୍ଗ ବିହାରରେ ୨୦୧୯ରୁ ଏକ ଫିଜିଓଥେରାପି କେନ୍ଦ୍ର କାର୍ଯ୍ୟ କରୁଛି। ଏହି କେନ୍ଦ୍ରରେ ବହୁ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ସାଧାରଣ ଲୋକ ମାଗଣାରେ ଚିକିତ୍ସିତ ହେଉଛନ୍ତି।



# ଚାଳକ ମହାସଂଘ ବୈଠକ

**ନାକଟିଦେଉଳ,୯।୧୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତର କତରାପାଲି କୁଞ୍ଜବନ ଆଶ୍ରମଠାରେ ମଙ୍ଗଳବାର ଓଡ଼ିଶା ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିନୋଦ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ବ୍ଲକ ସଭାପତି ରଞ୍ଜିତ କୁମାର ସାହୁ, ସମ୍ପାଦକ ଗୌରଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରାଣବନ୍ଧୁ ସେଠ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଳକମାନଙ୍କ ସମସ୍ୟା ସମାଧାନ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ଅବସରରେ ସରାପାଲି ପଞ୍ଚାୟତସ୍ତରୀୟ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ବିଶ୍ୱନାଥ ସାହୁ ସଭାପତି, ବିଜୟ ସିଂ ସମ୍ପାଦକ, ହୃଦାନନ୍ଦ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଳକ ଯୋଗଦେଇ ମତାମତ ରଖିଥିଲେ। ଶେଷରେ ବ୍ଲକ ସଂଘ ସଭାପତି ସାହୁ ଧନ୍ୟବାଦ ଦେଇଥିଲେ।

**୨ ବାଇକ୍ ମୁହାଁମୁହିଁ ଧକ୍କା: ଉଭୟ ଗୁରୁତର**

ରୁପ୍ରାରୋଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଲମ ଯିବା ରାସ୍ତା ଗିଗିନା ନିକଟ ମୁସ୍କୁଟି ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଯେ, ଗିଗିନା ପଞ୍ଚାୟତ ପିଇଓ ଶନିଶ୍ଚର ସରୋଜ ବାଇକ୍‌ରେ ଗିଗିନା ପଞ୍ଚାୟତରୁ ମୁସ୍କୁଟି ପଞ୍ଚାୟତକୁ ଯାଉଥିଲେ। ମୁସ୍କୁଟିପଟୁ ପଲମ ଗ୍ରାମର ହେତୁକର ମାଝି ବାଇକ୍‌ରେ ଘରକୁ ଫେରୁଥିଲେ। ଏଡି ସମୟରେ ମୁସ୍କୁଟି ଛକ ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟେ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କେସିଙ୍ଗା ହସ୍ପିଟାଲକୁ ପଠାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀର ମୃତ୍ୟୁ

ବୌଦ୍ଧ,୯।୧୧(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତର ଗୁଣ୍ଡୁରିସାହି (ମୁଖିବସ୍ତି)ଠାରେ ମଙ୍ଗଳବାର ସନ୍ଧ୍ୟାରେ ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀର ମୃତ୍ୟୁ ଘଟିଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ମିଳିଥିବା ସୂଚନା ମୁତାବକ, ତରଣୀସେନ ପ୍ରଧାନ (୩୮) ମୁଖିବସ୍ତିର ନାରାୟଣ ମୁଖିଙ୍କ ଝିଅ କୁନୁଙ୍କୁ ବିବାହ କରି ଶ୍ୱଶୁର ଘରେ ଘର ଜ୍ୱାଇଁ ହୋଇ ରହି ଆସୁଥିଲେ। ସନ୍ଧ୍ୟାରେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ କୁନୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ୱାମୀର ଛାତି ଓ ବେକକୁ ଆକ୍ରମଣ କରିଥିଲେ। ଖବରପାଇ ଆଡେଣୀଗଡ ଫାଣ୍ଡି ଅଧିକାରୀ ପହଞ୍ଚି ଗୁରୁତର ତରଣୀସେନଙ୍କୁ ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁନୁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୁରୁଣାକଟକ ଥାନା ଅଧିକାରୀ, ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ପୋଲିସ ପକ୍ଷରୁ ଏକ ମାମଲା (୧୨୬/୨୧)ରୁଜ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି।

### ବୋଲେରୋ ଓଲଟି ଗାଡ଼ି ମାଲିକ ମୃତ

ନୂଆପଡା ଅଫିସ/ ଖଡିଆଳ, ୯।୧୧ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା ଅରେଡା ଛକ ୩୫୩ ନଂ. ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଏକ ବୋଲେରୋ ଓଲଟି ପଡିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗାଡ଼ି ମାଲିକ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଜାମପଡା ଗାଁର ସୁଦର୍ଶନ ସାହୁ (୩୦)। ସୂଚନା ଯେ, ସୁଦର୍ଶନ ନିଜେ ବୋଲେରୋ (ନଂ.ଓଡି୦୩ସି-୪୭୨୯) ଚଲାଇ ତାଙ୍କ ସମ୍ପର୍କୀୟ ଦୁର୍ଯ୍ୟୁ ସାହୁ (୪୨)ଙ୍କ ସହିତ ଖଡିଆଳରେ ମରାମତି କରି ଘରକୁ ଫେରୁଥିଲେ। ଅରେଡା ଛକଠାରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ସୁଦର୍ଶନଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁର୍ଯ୍ୟୁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଖଡିଆଳ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଖଡିଆଳ ଥାନାରେ ଏକ ମାମଲା (ନଂ.୪୨୬/୨୧) ରୁଜୁ ହୋଇଛି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଖଡିଆଳ ଥାନା ଆଇଆଇସି କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

### ୱାଇଏମ୍ଏଫ୍ ଟୁର୍ନାମେଣ୍ଟ: ଟେମରୀ ଚାମ୍ପିୟନ



ବୋଡେନ,୯।୧୧(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ କେରାପଦରଠାରେ ଚାଲିଥିବା ୱାଇଏମ୍ଏଫ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ବୋଡେନ, ସିନାପାଲି ତଥା ଖଡିଆଳ ବ୍ଲକର ବିଭିନ୍ନ ଗ୍ରାମରୁ ୧୬ଟି ଦଳ ଭାଗ ନେଇଥିଲେ। ବୋଡେନ ଓ ଟେମରୀ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୧-୧ ଗୋଲରେ ଡ୍ର ହେବା ପରେ ଟାଇବ୍ରେକର୍ ଜରିଆରେ ଟେମରୀ ଦଳ ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ୱାଇଏମ୍ଏଫ୍ ସଭାପତି ଶରତଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମହମ୍ମଦ ଫାରୁକ୍, ସୌଦାଗର ସାହୁ, ନରେନ୍ଦ୍ର ନାଗ, ପ୍ରଜ୍ଞାପରମିତା ଖମାରୀ, ବିଶିକେଶନ ପଣ୍ଡା, ଧବଳେଶ୍ୱର ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳ ସହ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଧବଳେଶ୍ୱର ହରିଜନ, କୋଷାଧକ୍ଷ ନିଶିକାନ୍ତ ପଣ୍ଡାଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଦୁର୍ଗାମନ୍ଦିର ଚୋରି ଘଟଣା
# ୬ ଘଣ୍ଟା ଅତାବିରା ବନ୍ଦ

ସରଣ୍ଡା/ଅତାବିରା,୯।୧୧(ଡି.ଏନ.ଏ)



ପୋଲିସ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ବରଗଡ ଜିଲା ଅତାବିରା ଦୁର୍ଗାମନ୍ଦିର ଚୋରି ଘଟଣା ୨ମାସ ପୂରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନି। ଏହାର ପ୍ରତିବାଦରେ ମଙ୍ଗଳବାର ମଙ୍ଗଳବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅତାବିରା ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ଅତାବିରାର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଏହିପରିପ୍ରେକ୍ଷୀରେ ଉନ୍ନିକ୍ରୀଷ୍ଣନ ନାୟାରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଜାତା ପଣ୍ଡା, ବୀରେନ୍ଦ୍ର ବାଙ୍କା, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଉମେଶ ଅଗ୍ରୱାଲ, ବୀରେନ୍ଦ୍ର କର, ମିଳନ ସେଠ, କଡକ ଅଲ୍ଲୀ, କେ.ପି ଶ୍ରିନିବାସ, ଟଙ୍କଧର ଦାଶ, ପରମେଶ୍ୱର ପଟେଲ, ପୂର୍ବତନ ଏନଏସି ଅଧକ୍ଷା ସୁନୀତା ବାଗ, ବରିଷ୍ଠ ନାଗରିକ ସଂଘର ସଭାପତି ବେଣୁଧର ମିଶ୍ର, ଓଡିଶା କୃଷକ ସଙ୍ଗଠନର ଅତାବିରା ସଭାପତି ବିରେନ୍ଦ୍ର କର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭା ପୂର୍ବରୁ ଲୋକେ ଥାନାକୁ ଯାଇ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପ୍ରତିବାଦ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବରଗଡ଼ ଏସ୍‌ଡ଼ିପିଓ ଦୀପକ କୁମାର ଗୋଛାୟତ ଏବଂ ଥାନାଧିକାରୀ ଦିଲୀପ ବେହେରା ସଭାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## କଲ୍ୟାଣ ମଣ୍ଡପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ



ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ଲୋଇସିଂହା,୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ରାମ ମନ୍ଦିର ପରିସରରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରେ କଲ୍ୟାଣ ପଣ୍ଡପ ନିର୍ମାଣ କରାଯିବ। ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରତ୍ନାକର ମିଶ୍ରଙ୍କ ସମେତ ରାମ ମନ୍ଦିର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଞ୍ଜୟ ସ୍ମାରକୀ କ୍ରିକେଟ
# ଖୁଣ୍ଟୁଲାପାଲି ଚାମ୍ପିୟନ

ଅମରପାଲି,୯।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଟେଲୋ ପଞ୍ଚାୟତର ଦାଦରପାଲି ଗ୍ରାମରେ ଚାଲିଥିବା ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଖଇରମାଲକୁ ହରାଇ ଖୁଣ୍ଟୁଲାପାଲି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ କରାଯାଇଥିଲା। ପ୍ରଥମ ଫର୍ମାଟ ୧୨ଓଭର ବିଶିଷ୍ଟ ହୋଇଥିଲା। ଖୁଣ୍ଟୁଲାପାଲି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୫ରନ କରିଥିଲା। ଜବାବରେ ଖଇରମାଲ ଦଳ ୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୧ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଖୁଣ୍ଟୁଲାପାଲି ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୫୨ରନ କରିଥିଲା। ଜବାବରେ ଖଇରମାଲ ଦଳ ୬ଉଇକେଟ ହରାଇ ୩୫ ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଖୁଣ୍ଟୁଲାପାଲି ଦଳ ଚାମ୍ପିୟନ ହୋଇଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟଅତିଥି ଏବଂ ବହଲପଦର ସେବାସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମରେନ୍ଦ୍ର ମେଣ୍ଡିଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ କହ୍ନେଇ ପାତ୍ରଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଖୁଣ୍ଟୁଲାପାଲି ଦଳକୁ ନଗଦ ୩ହଜାର ୩୩୩ଟଙ୍କା ସହିତ ଟ୍ରଫି ଏବଂ ଏବଂ ରନର୍ସ ଅପ ଖଇରମାଲ ଦଳକୁ ନଗଦ ୨ହଜାର ୨୨୨ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇ ଥିଲା।



ଟ୍ରଫି ସହ ଚାମ୍ପିୟନ ଖୁଣ୍ଟୁଲାପାଲି ଦଳର ଖେଳାଳିମାନେ।

# ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ନୂଆପଡ଼ା ଅଫିସ,୯।୧୧



ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବଣ୍ଟନ ପାଇଁ ନୂଆପଡା ଜିଲା ଗସ୍ତରେ ଆସିଥିବା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କୁ ଓଡିଶା ନୂତନ ପେନସନ ଯୋଜନାରେ ଅର୍ନ୍ତଭୁକ୍ତ ଶିକ୍ଷକ ସଂଘ ମନ୍ତ୍ରୀଙ୍କୁ ସାକ୍ଷାତ କରି ୨ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯେ, ନୁତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ଶିକ୍ଷକମାନେ ଦୀର୍ଘ ୬ ବର୍ଷ ଧରି ଚୁକ୍ତିଭିତିକ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ନିୟମିତ ହୋଇଛନ୍ତି। କିନ୍ତୁ ଅନ୍ୟ ବିଭାଗ ପରି ଚୁକ୍ତିଭିତିକ ୬ ବର୍ଷ ପରେ ମଧ୍ୟ ସେମାନଙ୍କୁ ବରିଷ୍ଠତା ଗଣନାରେ ସାମିଲ କରାଯାଇନାହିଁ। ଏଣୁ ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ପ୍ରଦାନ କରାଯାଇଛି। ପ୍ରଥମେ ସେମାନଙ୍କ ଚୁକ୍ତିଭିତିକ ୬ ବର୍ଷକୁ ବରିଷ୍ଠତାରେ ସାମିଲ କରାଯାଉ ଓ ନୂତନ ପେନସନ ଯୋଜନାକୁ ପତ୍ୟାହାର କରି ପୂର୍ବ ପେନସନ ଯୋଜନାକୁ ଲାଗୁ କରିବା ପାଇଁ ଶିକ୍ଷକମାନେ ମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି। ଏହି ସମୟରେ ସଂଘ ସଦସ୍ୟ ମନୋହର ସାହୁ, ଶ୍ୟାମଲାଲ ପ୍ରଧାନ, ସୁଶାନ୍ତ କୁମାର ଯୋଶୀ, ଧବଳେଶ୍ୱର ସାହୁ, ଭୁବନ ମେହେର, ଉମେଶ ସାହୁ, ଉମେଶ ବାରିକ, ମହତାବ ଆଡଜୁଆଡ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ

କୋକସରା,୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗଡରାମାଲ ସ୍କୁଲ ପଡିଆରେ ମଙ୍ଗଳବାର ଗୋ ସମ୍ବର୍ଦ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଚୈତନ୍ୟ ଚରଣ ସେଠୀଙ୍କ ତତ୍ତ୍ୱାବଧାନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ଏସ୍‌ଡିଭିଓ ଭବାନୀପାଟଣା ଗିରିଶ ଚନ୍ଦ୍ର ମହାନ୍ତି, ପିଡିଡିଆର୍‌ଡିଏ ସୁମେଶ ଉପାଧ୍ୟାୟ, କୋକସରା ବିଡିଓ ମନୀଷା ଦାସ, ଏସ୍‌ଡିଭିଓ ଧର୍ମଗଡ କୈଳାସ ଚନ୍ଦ୍ର ସାମନ୍ତ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଟେମରା ସମିତି ରାଜେନ୍ଦ୍ର ନାଏକ, କୋକସରା ବ୍ଲକ ଆତ୍ମା ଅଧକ୍ଷ ରତୁରାଜ ମାଝି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏଥିରେ ୨ ଶହରୁ ଉର୍ଦ୍ଧ୍ୱ ଗୋ ଚାଷୀ ଯୋଗଦେଇଥିବା ବେଳେ ୪୨ଟି ଶଙ୍କର ଜାତିଅ ଦୁଧିଆ ଗାଇ ଓ ୩୨ଟି ଶଙ୍କର ଜାତୀୟ ମାଇ ବାଛୁରୀ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିଓ କୋକସରା ଡ. ପ୍ରଶାନ୍ତ କୁମାର ପରିଡା, ଭିଏସ୍ ସଂଗ୍ରାମ କିଶୋରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉନ୍ନତ ଓ ଉତ୍କୃଷ୍ଟ ଗାଇ ପାଳନ ପାଇଁ ୩ଜଣ ଗୋ ଚାଷୀ ସାରଙ୍ଗିନୀ ପ୍ରଧାନୀ, ଚୈତଣ୍ୟ ବେମାଲ ଓ ନରହରି ଭାଟିଙ୍କୁ ସମ୍ମାନିତ କରଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କୁ ନେଇ ଭାରତୀୟ ସଂସ୍କୃତିରେ ଗୋ ପାଳନର ଅବଦାନ ଉପରେ ଆୟୋଜିତ ପ୍ରତିଯୋଗୀତାରେ କୃତୀ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିଓ କୋକସରା ପରମାନନ୍ଦ କୁମାର ପରିଡା, ଭିଏସ୍ କୋକସରା ସଂଗ୍ରାମ କେଶୋରୀ ବେହେରା ପ୍ରମୂଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଡ. କେଦାରନାଥ ଖମାରୀ ପରିଚାଳନା କରିଥିଲେ।

## ତାଳିପକା କାମ କରି ଅର୍ଥ ଆତ୍ମସାତ ଅଭିଯୋଗ

ବାଉଁଶୁଣୀ,୯।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ବରଗାଁ ପଞ୍ଚାୟତ ଅଫିସ ସମ୍ମୁଖ ରାସ୍ତାରେ ତାଳିପକା କାମ କରାଯାଇଛି। ଏହି ସ୍ଥାନରେ କଂକ୍ରିଟ ଉପରେ କଂକ୍ରିଟ ପକାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ରାସ୍ତା କାମ ଜଣେ ଜନପ୍ରତିନିଧିଙ୍କ ସ୍ୱାମୀ କରିଛନ୍ତି। ରାସ୍ତା କାମରେ ଦୁର୍ନୀତି ହୋଇଥିବା ନେଇ ପଞ୍ଚାୟତବାସୀ ୫ ତାରିଖରେ ଜିଲାପାଳ ଓ କଣ୍ଟମାଳ ବିଡିଓଙ୍କୁ ଜଣାଇଛନ୍ତି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ, ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ଓ ବୌଦ୍ଧ ଦୁର୍ନୀତି ନିବାରଣ ବିଭାଗ ଏସ୍‌ପିଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି। ପଞ୍ଚାୟତର ରାଜ ରଣା, ଦେବରାଜ ରାଉତ, ଚିନ୍ତାମଣି ବଗର୍ତ୍ତୀ, ଗିରିଶ ମଲିକ, ଗରୁଡଧ୍ୱଜ ଭୋଇ, ଦୈତାରୀ ଭୋଇ ପ୍ରମୁଖ ଅଭିଯୋଗ କରିଥିବା ଜଣାଯାଇଛି। କଣ୍ଟାମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସିନାପାଲିରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ



ଜଣେ ମହିଳାଙ୍କୁ ମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରୁଛନ୍ତି।

ସିନାପାଲି,୯।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ସିନାପାଲିସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଡ ବଣ୍ଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମ ଅଧକ୍ଷ ଅସିତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଅନ୍ୟତମ ଜିଲା ପରିଷଦ ସଦସ୍ୟ ଦୋଲକାନ୍ତି ମାଝି, ବ୍ଲକ ଅଧକ୍ଷା ତପସିନୀ ମାଝି, ବିଜେଡି ଯୁବ ସଭାପତି ପ୍ରଦୀପ ପ୍ରଧାନ, ରମେଶ ତିୱାରୀ, ସିନାପାଲି ସରପଞ୍ଚ ସୀତାରାମ ମେହେର, ବିଡିଓ ସଦାଶିବ ନାଏକ, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ତହସିଲଦାର ଲୋକନାଥ ଶବରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସିନାପାଲି ବ୍ଲକରେ ମୋଟ ୩୩ ହଜାର ୪୫୫ ଜଣଙ୍କୁ ଏହି ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି।

## କବାଡ଼ି ପ୍ରତିଯୋଗିତା: ମାଗୁରପାଣି ଚାମ୍ପିୟନ

ପାଇକମାଳ,୯।୧୧(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଭୁତମୁଣ୍ଡା ସ୍ପୋର୍ଟସ କ୍ଲବ ଓ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ବୁଢ଼ାରଜା କବାଡି ପ୍ରତିଯୋଗିତାରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟଙ୍ଗୋପାଣିକୁ ହରାଇ ମାଗୁରପାଣି ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିଥିଲା। ଏଥିରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନ ମ୍ୟାଚ୍‌ରେ ଗ୍ରାମ୍ୟ କମିଟି ସଭାପତି ସୁବାଷ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଉଦ୍‌ଘାଟନ କରିଥିଲେ। ସୋମବାର ଉଦଯାପନୀ ଉତ୍ସବରେ ବ୍ଲକ ଅଧକ୍ଷ ଅଲତାଫ ମହମ୍ମଦ ମୁଖ୍ୟଅତିଥି, ଡା. ରାକେଶ ସାହୁ, ସାମାଜିକ କର୍ମୀ ମହେନ୍ଦ୍ର ଖୁଣ୍ଟିଆ, ଗିରିଶ ଡନସନା, ଲଳିତ ଜଗତ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ମହାନ୍ତି, ସୁଦର୍ଶନ ଦୋରା, ମାନସ ମହାନ୍ତି, କ୍ଷୀରସିନ୍ଧୁ ହରିପାଲ, ଗଜେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ମାଗୁରପାଣି ଦଳକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଟଙ୍ଗୋପାଣିକୁ ନଗଦ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ତୃତୀୟ ପୁରସ୍କାର ଭୁତମୁଣ୍ଡା ଦଳ ଓ ଚତୁର୍ଥ ପୁରସ୍କାର ଦର୍ଲିମୁଣ୍ଡାକୁ ପ୍ରଦାନ କରାଯାଇଥିଲା। ରେଫରୀ ଗୋକୁଳ ଦଣ୍ଡସେନ, ବୈବସ୍ୱତ ପ୍ରଧାନ, ସୁଦର୍ଶନ ମହାକୁଡ, ହେମସାଗର ସାହୁ, ଜୀବଲାଲ ନାଏକ, ଅନିଲ ରାଉତ, ଚମନ ରାଉତ, ଅଜିତ ପ୍ରଧାନ, ପ୍ରେମଚାନ୍ଦ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପାଇକମାଳ ବ୍ଲକ ବୁଢ଼ାରଜା କବାଡି ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳିବୃନ୍ଦ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଉଁଶୁଣୀ,୯।୧୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ମନୁପାଲି ହାଇସ୍କୁଲ ପଡିଆଠାରେ ମଙ୍ଗଳବାର ପଞ୍ଚରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅତିଥିଭାବେ ମନୁପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଳମୁକୁନ୍ଦ ମେହେର, ଧନଞ୍ଜୟ ପାତ୍ର, ଲକ୍ଷ୍ମୀନ୍ଦ୍ର ଭୁକ୍ତା, ହରିଚନ୍ଦ୍ର ଭୋଇ, କ୍ଷମାନିଧି ଭୁକ୍ତା, ବିନୋଦ ପଟ୍ଟନାୟକ, ମହେଶ୍ୱର ସାହୁ ଯୋଗ ଦେଇଥିଲେ। ପ୍ରଥମେ ମ୍ୟାଚରେ ଜମଟାଙ୍ଗୀକୁ ୧-୦ ଗୋଲରେ ହରାଇ ମହିଶରପିଣ୍ଡା ଦଳ ବିଜୟୀ ହୋଇଥିଲା। ଦିତୀୟ ମ୍ୟାଚ ଗିରାସିଙ୍ଗା ଦନ୍ତାପାଲି ମଧ୍ୟରେ ହୋଇଥିଲା। ଏଥିରେ ଦନ୍ତାପାଲି ଦଳ ଟାଇବ୍ରେକରରେ ବିଜୟୀ ହୋଇଥିଲେ। ତୃତୀୟ ମ୍ୟାଚ ମହେଶରପିଣ୍ଡା ଓ ଦନ୍ତାପାଲି ମଧ୍ୟରେ ହୋଇଥିଲା। ଏଥିରେ ଦନ୍ତାପାଲି ୩-୦ ଗୋଲରେ ବିଜୟୀ ହୋଇଥିଲା।

## ବିଭିନ୍ନ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ମଦନପୁର,୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର, ଗୋଛାଡେଙ୍ଗେନ, ଅଲାତରା, ଡମ୍ବର୍କାଖୁଣ୍ଟା ଓ ନୁନପୁର ପଞ୍ଚାୟତଠାରେ ମଙ୍ଗଳବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ଜିବେଶ ପଣ୍ଡା, ସାମାଜିକ କର୍ମୀ ଦଲଜିତ୍ ସିଂ, ସ୍ଥାନୀୟ ସରପଞ୍ଚ ରାଜେଶ ଧଙ୍ଗଡାମାଝି, ବିଡିଓ ଉତ୍ତମ କୁମାର ବାଗ ଓ ତହସିଲଦାର ସୁଶ୍ରୀ ସୁଚରିତା ମୁଗରୀ, ଯୋଗଦେଇ ଦଶଜଣ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିବାବେଳେ ଶତାଧିକ ହିତାଧିକାରୀ ଯୋଗଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ନୂଆପଡ଼ା ଅଫିସ,୯।୧୧





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ତୈଳ ଦର, ଗ୍ୟାସ୍, ବିଦ୍ୟୁତ୍, ପନିପରିବା ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଆମ ଆଦମୀ ପାର୍ଟି ପକ୍ଷରୁ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ପେଟ୍ରୋଲ ଦର ଶହେରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଖାଇବା ତେଲ ୨ଶହ ଓ ରନ୍ଧନ ଗ୍ୟାସ ୧ ହଜାରକୁ ଟପି ଗଲାଣି। ନିତ୍ୟ ବ୍ୟବହାର୍ଯ୍ୟଜିନିଷ ଡାଲି ଜାତୀୟ ଦ୍ରବ୍ୟ, ଆଳୁ, ପିଆଜର ଅହେତୁକ ଦର ବୃଦ୍ଧି ହେଉଥିବା ବେଳେ ପନିପରିବା ଦର ଆକାଶ ଛୁଆଁ ହୋଇଥିବାରୁ ସାଧାରଣ ଖାଉଟି ହନ୍ତସନ୍ତ ହୋଇପଡିଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ବାଣିଜିକ ରନ୍ଧନ ଗ୍ୟାସ ଆଦି ଉପରେ ଉଭୟ ସରକାର ଟିକସ ହ୍ରାସ କରି ଦର ବୃଦ୍ଧିର ପୂର୍ବବସ୍ଥାକୁ ଫେରାଇ ଆଣନ୍ତୁ। ରାଜ୍ୟ ସରକାର ତୁରନ୍ତ ୨ ଶହ ୟୁନିଟ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ସମସ୍ତ ପରିବାରକୁ ମାଗଣା ବିଜୁଳି ଓ ଅନ୍ୟ ବିଜୁଳି ଉପଭୋକ୍ତାମାନଙ୍କୁ ଦର ହ୍ରାସ କରନ୍ତୁ। ଆଳୁ, ପିଆଜ ଓ ପନିପରିବା ଦର ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଆମ ଆଦମୀ ପାର୍ଟି ଦାବି କରିଛି। ବିକ୍ଷୋଭ ପ୍ରଦର୍ଶନରେ ଆମ ଆଦମୀ ପାର୍ଟିର ଜିଲା ଆବାହକ ରଙ୍ଗାଧର ମାଝି, ହିତେଶ ପାଣ୍ଡେ, ଜୟଦେବ ଦୁରିଆ, ରମଣ ଦାସ, ବିଜୟ ମାଝି, ସତ୍ୟବ୍ରତ ମାଝି, ଚିନ୍ତାମଣି କୈବର୍ତ୍ତ, ଲଳିତ ପାଣ୍ଡେ, ଦୁରବଲ ମାଝି, ରାଜୁ ସତନାମି, ଆକାଶ ମଲ୍ଲିକ, ଅକ୍ଷୟ ପାଣ୍ଡେ ପ୍ରମୁଖ ସାମିଲ ଥିଲେ।

## ଭଙ୍ଗାଘରୁ ବୃଦ୍ଧ ଉଦ୍ଧାର



ଅସହାୟ ବୃଦ୍ଧଙ୍କୁ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରୁଛନ୍ତି।

ବରଗଡ଼ ଅଫିସ୍,୯।୧୧

ବରଗଡ଼ ଜିଲା ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମରୁ ଜଣେ ଅସହାୟ ବୃଦ୍ଧଙ୍କୁ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଜୁନାନୀ ଗ୍ରାମର ଏକ ଭଙ୍ଗା ଦଦରା ଗ୍ରାମରେ ବୃଦ୍ଧ ଦମ୍ପତି ଜୀବର୍ଦ୍ଧନ ଭୁଏ ଓ ଲକ୍ଷ୍ମୀ ରହୁଥିଲେ। ସେମାନଙ୍କ ସନ୍ତାନ ସନ୍ତତି ନାହାନ୍ତି। ଗତ କିଛିଦିନ ତଳେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଜୀବର୍ଦ୍ଧନ ସମ୍ପୂର୍ଣ୍ଣ ଅସହାୟ ହୋଇ ଭଙ୍ଗା ଦଦରା ଘରେ ରହୁଥିଲେ। ପକ୍ଷାଘାତ ରୋଗାକ୍ରାନ୍ତ ଥିବାରୁ ସେ ଶଯ୍ୟାଶାୟୀ ଥିଲେ। କେହି ସହୃଦୟ ଲୋକ କିଛି ଖାଇବାକୁ ଦେଲେ ତାହା ଖାଉଥିଲେ, ନଚେତ୍ ଭୋକ ଉପାସରେ ରହୁଥିଲେ। ଖବର ପାଇ ସୋମବାର ରାତିରେ ସଂକଳ୍ପର ସଂଯୋଜକ ବିକାଶ ଅଗ୍ରୱାଲ, ଜି. ରମେଶ ପ୍ରମୁଖ ଜୀବର୍ଦ୍ଧନଙ୍କ ପାଖକୁ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସରେ ଆଣି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

**ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ଭିଆଇପିର ବିରୋଧ**

ବଲାଙ୍ଗୀର ଅଫିସ: ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡିଙ୍କ ଓଡ଼ିଶା ଗସ୍ତକୁ ଭିଲେଜର୍ସ ଇଣ୍ଡିଆ ପାର୍ଟି(ଭିଆଇପି) ପକ୍ଷରୁ ବିରୋଧ କରାଯାଇଛି। ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏନେଇ ଭିଆଇପି ପକ୍ଷରୁ ଧାରଣା ଦିଆଯିବା ସହ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ରେଡ୍ଡିଙ୍କ ଫଟୋଚିତ୍ରକୁ ପୋଡ଼ା ଯାଇଥିଲା। ଓଡ଼ିଶାର କୋଟିଆ ଏବଂ ଗଜପତି ଅଞ୍ଚଳରେ ଆନ୍ଧ୍ରପ୍ରଦେଶର ଓଡ଼ିଶା ବିରୋଧୀ କାର୍ଯ୍ୟକଳାପ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ରପ୍ରଦେଶକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ଠିକ୍ ନିଷ୍ପତ୍ତି ନୁହେଁ ବୋଲି କୁହାଯାଇଥିଲା। ପାର୍ଟି ଅଧ୍ୟକ୍ଷ ଡ. ବିପିନ କୁଶଲିଆଙ୍କ ନେତୃତ୍ୱରେ ଧାରଣା ଅନୁଷ୍ଠିତ ହୋଇଥିଲା।



## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟରେ ଜାତୀୟ ଆଇନ ସେବା ଦିବସ

**ଟିଟିଲାଗଡ଼, ୯।୧୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁର୍ସୁଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ମଙ୍ଗଳବାର ଜାତୀୟ ଆଇନ ସେବା ଦିବସ ପାଳନ ହୋଇଯାଇଛି। ତାଲୁକ ସମିତି ଅଧ୍ୟକ୍ଷ ତଥା ଟିଟିଲାଗଡ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ରାଜ କୁମାର ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାମ୍ବିଧାନିକ ଅଧିକାର, ସମାନତା, ଆଇନ ସେବା, ଶିଶୁ ଅପରାଧ, ଶିଶୁଙ୍କ ପାଇଁ ଆଇନ ଶିକ୍ଷା, ଗରିବ ପରିବାରଙ୍କ ପାଇଁ ଆଇନ ସହାୟତା, ବିଦ୍ୟାଳୟରେ ପିଲାଙ୍କ ପାଇଁ ରହିଥିବା ଛାତ୍ର ଆଇନ ବିଷୟରେ ଶିକ୍ଷା ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ଯଶୋବନ୍ତ ସାହୁ, ଆଇନ ସାକ୍ଷରତା କ୍ଲବ ତତ୍ତ୍ୱାବଧାରକ ଗଙ୍ଗାଧର ବଗର୍ତ୍ତି, ଶିକ୍ଷକ ଜଗନ୍ନାଥ ସାହୁ, ଲିତା ହେମ୍ବ୍ରମ ଏହି ଅବସରରେ ମଞ୍ଚାସୀନ ଥିଲେ।

### ଆଇନ ସଚେତନତା ଶିବିର

**ଲୋଇସିଂହା,୯।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ତାଲୁକ ଆଇନ ସେବା ସମିତି ପକ୍ଷରୁ ପଣ୍ଡରାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଲି ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ମହାନ୍ତି ମାଗଣା ଆଇନ, ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧିକାର ଓ ଆଇନଗତ ଅଧିକାର ସମ୍ପର୍କରେ ବୁଝାଇଥିଲେ। ଉପସ୍ଥିତ ଜନତାଙ୍କ ବିଭିନ୍ନ ଆଇନଗତ ସମସ୍ୟା ବୁଝି ତାହାର ନିରାକରଣ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଶଶାଙ୍କ ଶେଖର ଭୋଇ, ଗୌରୀଶଙ୍କର ସାହୁ ଏବଂ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

### କୁଲୁଣ୍ଡାରେ ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ର

**ସରଣ୍ଡା,୯।୧୧(ଡି.ଏନ.ଏ):** ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା କେନାଲ ଛକରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବାକେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏଥିରେ ଅତାବିରା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ରୂପେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବରଗଡ ଆରବିଆଇ ଆସିଷ୍ଟାଣ୍ଟ ମ୍ୟାନେଜର ସହଦେବ ଲାକ୍ରା ଏବଂ ଓଡିଶା ବିଶିର ରିଜିଓନାଲ ମ୍ୟାନେଜର ପ୍ରକାଶ ବେହେରା ଉପସ୍ଥିତ ଥିଲେ। ଗ୍ରାହକସେବା କେନ୍ଦ୍ରର ପରିଚାଳିକା ସୌଦାମିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୋଡଭଗାରେ ମୁଖ୍ୟ କେନ୍ଦ୍ରର ପରିଚାଳକ ରୋହିତ କୁମାର ତାଣ୍ଡିଙ୍କ ନେତୃତ୍ୱରେ ଗ୍ରାହକସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି।

### ମନମୁଖି କାର୍ଯ୍ୟ ବିରୋଧରେ ଧାରଣା

**ପଦ୍ମପୁର, ୯।୧୧(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୧୭ ବ୍ଲକ ଗ୍ରାଣ୍ଟ କର୍ମଚାରୀମାନେ ଅଧକ୍ଷାଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ମଙ୍ଗଳବାର ତାଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଧାରଣାକୁ କଲେଜର ଛାତ୍ରୀମାନେ ସମର୍ଥନ ଜଣାଇଛନ୍ତି। ଅଧକ୍ଷା ପଦ୍ମିନୀ ଦାଶଙ୍କୁ ତାଙ୍କ ପଦରୁ ନିବୃତ୍ତ କରିବା ଦାବିରେ ଧାରଣା ଜାରି ରହିଛି। ତେବେ ଏ ନେଇ ଅଧକ୍ଷା ଦାଶଙ୍କ ମତାମତ ମିଳିପାରିନାହିଁ।

### ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉପକରଣ ବଣ୍ଟନ ଚିହ୍ନଟ ଶିବିର

**ଲୋଇସିଂହା,୯।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସହାୟତା ଉପକରଣ ଯୋଗାଣ ନିମନ୍ତେ ଚିହ୍ନଟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବିଓ ରଶ୍ମିମତୀ ତ୍ରିପାଠୀ, ବ୍ୟାସଦେବ ରାଏ ଅତିଥିଭାବେ ଯୋଗଦେଇଥିଲେ। ଡା ଅମିତ ମିଶ୍ର, ଡା ଅର୍କେଶ ପଟ୍ଟନାୟକ ଶିବିରରେ ଯୋଗଦେଇ ବ୍ଲକର ୧ ଶହ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିହ୍ନଟ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଉପକରଣ ତାଲିକା ପ୍ରସ୍ତୁତ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ କେନ୍ଦ୍ର ଓ ବଲାଙ୍ଗୀର ସମଗ୍ର ଶିକ୍ଷା ମିଳିତ ସହାୟତାରେ ଶିବିର ଆୟୋଜିତ ହୋଇଥିଲା।

# ତାଲା ପକାଇ ପ୍ରତିବାଦ

- ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ବର୍ଜ୍ୟବସ୍ତୁ ପରିଚାଳନା ଫେଲ୍
- ଗ୍ରାମର ମୁଖ୍ୟ ପୋଖରୀକୁ ପଶୁଛି ବର୍ଜ୍ୟବସ୍ତୁ
- ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା
- ଅଭିଯୋଗକୁ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା

**ବରଗଡ଼ ଅଫିସ୍,୯।୧୧**



ଗ୍ରାମବାସୀ ଡାକ୍ତରଖାନାରେ ତାଲା ପକାଉଛନ୍ତି।

ବରଗଡ଼ ସହର ଉପକଣ୍ଠ ଖେଦାପାଲି (ଟୁକୁର୍ଲା) ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରୁ ବର୍ଜ୍ୟବସ୍ତୁ ନିଷ୍କାସନ ଏପର୍ଯ୍ୟନ୍ତ ବ୍ୟବସ୍ଥିତ ହୋଇପାରିନାହିଁ। ଡ୍ରେନେଜ ବ୍ୟବସ୍ଥା ଠିକ୍ ଭାବେ ହୋଇ ନ ଥିବାବେଳେ ତାହା ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ଡାକ୍ତରଖାନାରୁ ନିଷ୍କାସିତ ବର୍ଜ୍ୟବସ୍ତୁ, ଆବର୍ଜନା ପାଣି ସିଧାସଳଖ ଟୁକୁର୍ଲା ଗ୍ରାମ ପୋଖରୀରେ ପ୍ରବେଶ କରୁଛି। ଫଳରେ ପୋଖରୀ ପାଣି ସହିତ ପାରିପାର୍ଶ୍ୱିକ ଅଞ୍ଚଳ ପ୍ରଦୂଷିତ ହେଉଛି। ଏହାର ପ୍ରତିକାର ପାଇଁ ବାରମ୍ବାର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳିପାରିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଟୁକୁର୍ଲା ଗ୍ରାମବାସୀ ମୁଖ୍ୟ ଡାକ୍ତରଖାନାକୁ ପଶି ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ପରେ ଏଡ଼ିଏମ୍‌ଓ ଡା. ବିଭୁତି ଭୂଷଣ ମେହେରଙ୍କ ସମେତ ପିଡବ୍ଲ୍ୟୁଡ଼ି ବିଭାଗର ଅଧିକାରୀ ସେଠାକୁ ପହଞ୍ଚି ଆସନ୍ତା ୧୪ ତାରିଖରୁ ଡ୍ରେନ ନିର୍ମାଣ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ଏହାପରେ ମୁଖ୍ୟ ଡାକ୍ତରଖାନା ଫାଟକରୁ ତାଲା ଖୋଲାଯାଇଥିଲା।

ନୂଆ ଜିଲା ମୁଖ୍ୟ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବାର ପ୍ରାୟ ୨ବର୍ଷ ହେଲାଣି। ଏହା କାର୍ଯ୍ୟକ୍ଷମ ହେବା ପରେ ଏଠାରୁ ନିଷ୍କାସିତ ବର୍ଜ୍ୟବସ୍ତୁ ଟୁକୁର୍ଲା ଗ୍ରାମ ପୋଖରୀରେ ମିଶୁଛି। ଏଥିପାଇଁ ପୋଖରୀ ପାଣି ପ୍ରଦୂଷିତ ହେଉଛି ଏବଂ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଟୁକୁର୍ଲା ଗ୍ରାମବାସୀ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବା ଆରମ୍ଭରୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ଗ୍ରାମର ପ୍ରାୟ ୨ହଜାର ଲୋକ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଆସୁଥିବା ଯୋଗୁ ଏହାର ପ୍ରତିକାର ପାଇଁ ଦ୍ରୁତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଆସୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀମାନେ କେବଳ ସମୟ ଗଡ଼ାଇ ଆସୁଥିଲେ। ଗତ ବୁଧବାର ଗ୍ରାମର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସି ହସ୍ପିଟାଲ ମ୍ୟାନେଜରଙ୍କୁ ସେ ନେଇ ଅଭିଯୋଗ କରିଥିଲେ। କିନ୍ତୁ ସେମାନଙ୍କ ଅଭିଯୋଗକୁ ଅଣଦେଖା କରାଯିବାରୁ ଅସନ୍ତୋଷ ବଢ଼ିଥିଲା ଏବଂ ଗ୍ରାମବାସୀ ଡାକ୍ତରଖାନା ଫାଟକରେ ତାଲା ପକାଇବାକୁ ବାଧ୍ୟ ହୋଇଥିଲେ।

## ମହିଳା ମହାବିଦ୍ୟାଳୟ ପରିଦର୍ଶନ କଲେ କୁଳପତି


ମହିଳା ମହାବିଦ୍ୟାଳୟ କର୍ମଚାରୀଙ୍କ ଗହଣରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି।

**କଣ୍ଟାବାଞ୍ଜି, ୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟକୁ ମଙ୍ଗଳବାର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଉମା ବଲ୍ଲବ ମହାପାତ୍ର ଓ ସିଡିସି ଅଧ୍ୟକ୍ଷ ପ୍ରଫେସର ବିମ୍ଳେଶ ପ୍ରସାଦ ମିଶ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ସହିତ ହୋଇଥିବା ଅନୁବନ୍ଧନ ପତ୍ର ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପୁରୋହିତଙ୍କୁ ହସ୍ତାନ୍ତର କରିଥିଲେ। କୁଳପତି ମହାପାତ୍ର ଓ ସିଡିସି ଅଧକ୍ଷ ମିଶ୍ର କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମହାବିଦ୍ୟାଳୟ ଭିତ୍ତିଭୂମି ବୁଲି ଦେଖିବା ସହ ଶିକ୍ଷାଦାନ ଉପରେ ଅଧ୍ୟୟନରତ ଛାତ୍ରୀଙ୍କୁ ପଚାରି ବୁଝିଥିଲେ। ମହାବିଦ୍ୟାଳୟରେ ଛାତ୍ରୀ ନିବାସ ନିର୍ମାଣ ଉପରେ ଏହି ଅବସରରେ ଆଲୋଚନା ହୋଇଥିଲା। କୁଳପତିଙ୍କ ପରିଦର୍ଶନ ସମୟରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦରବୃଦ୍ଧି ପ୍ରତିବାଦରେ ଧାରଣା

**ବରଗଡ଼ ଅଫିସ୍,୯।୧୧**

ପେଟ୍ରୋଲ, ଡିଜେଲ, ଖାଇବା ତେଲଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ମଙ୍ଗଳବାର ବରଗଡ଼ ଗାନ୍ଧୀଛକରେ ଆମ ଆଦମୀ ପାର୍ଟି(ଆପ୍) ପକ୍ଷରୁ ଧାରଣା ସହ ପ୍ରତିବାଦ କରାଯାଇଥିଲା। ଏହାସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ । ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦଳର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ମେରିୟମ ବାର୍ଲା, ଯଶୋବନ୍ତୀ ପୋଡ଼, ଗୋଲାପୀ ସୁନା, ଅସିତ ସାହୁ, ରାଜ୍ୟ ଯୁବ ସମ୍ପାଦକ ପୌଲସ୍ତ୍ୟ ସାହା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।



ଗାନ୍ଧୀଛକରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆପ୍ ଜିଲା ଆବାହକ ଉଦ୍‌ବୋଧନ ଦେଉଛନ୍ତି।

## ପେଟ୍ରୋଲ ଚୋରି ଅଭିଯୋଗରେ ୩ଗିରଫ

**ଲାଠୋର, ୯।୧୧(ଡି .ଏନ. ଏ.)**

ବଲାଙ୍ଗୀର ଜିଲା ଲାଠୋର ଉଷା ଫିଲିଙ୍ଗ ଷ୍ଟେଶନରୁ ପେଟ୍ରୋଲ ଚୋରି କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ୨ଜଣ ସମ୍ପୃକ୍ତ ପେଟ୍ରୋଲ ପମ୍ପ କର୍ମଚାରୀ ହୋଇଥିବା ବେଳେ ଅନ୍ୟ ଜଣେ ସେମାନଙ୍କଠାରୁ କ୍ରୟ କରୁଥିଲେ। ସେମାନେ ହେଲେ ପେଟ୍ରୋଲ ପମ୍ପ କର୍ମଚାରୀ ପିପଲବାହାଲ ଗ୍ରାମର ସମୀର ସେଠ ଏବଂ ପ୍ରବୀଣ ମେହେର। ଗିରଫ ଅନ୍ୟ ଅଭିଯୁକ୍ତ ହେଲେ କ୍ରେତା ବେନ୍ଦେର ଗ୍ରାମର ରୁଦ୍ରଦେବ ପ୍ରଧାନ। ପେଟ୍ରୋଲ ପମ୍ପ ମାଲିକ ଅଶୋକ ଅଗ୍ରୱାଲଙ୍କ ଏତଲାକୁ ଭିତ୍ତି କରି ଲାଠୋର ଥାନାରେ ଦଫା ୩୮୧, ୪୧. ୪୧୪, ୩୪ରେ ଏକ ମାମଲା(୧୫୨/୨୧) ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଟଣାଗଡ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ସମୀର ଏବଂ ପ୍ରବୀଣ ପେଟ୍ରୋଲ ଟାଙ୍କିରେ ହ୍ୟାଣ୍ଡ ପମ୍ପ ଲଗାଇ ଗତ ଦୁଇବର୍ଷ ହେଲା ଦୈନିକ ୪୦ରୁ ୫୦ ଲିଟର ପେଟ୍ରୋଲ ଚୋରି କରି ରୁଦ୍ରଦେବଙ୍କୁ ଲିଟର ପ୍ରତି ୮୫ ଟଙ୍କା ଦରରେ ବିକ୍ରୟ କରୁଥିଲେ। ରବିବାର ରାତିରେ ଫିଲିଂ ଷ୍ଟେଶନ ମାଲିକ ନିଜ ଘରେ ଥାଇ ପେଟ୍ରୋଲ ପମ୍ପ ଲାଇଭ ସିସି ଫୁଟେଜ ଦେଖି ସନ୍ଦେହରେ ମ୍ୟାନେଜରଙ୍କୁ ଫୋନ କରିଥିଲେ। ମ୍ୟାନେଜର ଚେକ କଲା ବେଳକୁ ଦୁଇ ଅଭିଯୁକ୍ତ କର୍ମଚାରୀ ଭୟରେ ଘଟଣାସ୍ଥଳରେ ହ୍ୟାଣ୍ଡ ପମ୍ପ ଛାଡି ଦୌଡି ପଳାଇ ଥିଲେ। ପରେ ପମ୍ପ ମାଲିକ ଲାଠୋର ଥାନାରେ ସମ୍ପୃକ୍ତ ଦୁଇ କର୍ମଚାରୀଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ ସେମାନଙ୍କୁ ଧରି ପଚରାଉଚରା ପରେ ଚୋରି କରୁଥିବା ପେଟ୍ରୋଲକୁ ସେମାନେ ରୁଦ୍ରଦେବଙ୍କୁ ବିକ୍ରି କରୁଥିବା କହିଥିଲେ। ଏହାପରେ ପୋଲିସ ଚଢାଉ କରି ରୁଦ୍ରଦେବଙ୍କୁ ଗିରଫ କରିଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ମିଳୁନି କାମ



କାମ ଯୋଗାଣ ଦାବିରେ ପିଡି ଡିଆରଡିଏଙ୍କ ଅଫିସ ସମ୍ମୁଖରେ ଦିଆଯାଇଥିବା ଧାରଣା ।

**ସୋନପୁର,୯।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ କାମ ମିଳୁନି। ଉଲୁଣ୍ଡା ବ୍ଲକର ମହଦା ପଞ୍ଚାୟତ, ସୋନପୁର ବ୍ଲକର ଖାରୀ ଓ ବଲାଡି ପଞ୍ଚାୟତର ଶ୍ରମିକମାନେ ଗତ ୪ ମାସ ପୂର୍ବରୁ କାମ ମାଗିଥିଲେ ମଧ ପ୍ରଶାସନ କାମ ଯୋଗାଉ ନଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ବରିଷ୍ଠ ଭାଜପା ନେତା ବଳଦେବ ପ୍ରସାଦ ବେଦବାକ୍ଙ୍କ ନେତୃତ୍ୱରେ ଶ୍ରମିକମାନେ କୋଦାଳ ଧରି ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଥିଲେ। ଶ୍ରମିକମାନେ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତର ନିର୍ବାହୀ ଯନ୍ତ୍ରୀ ଓ ଗ୍ରାମ ରୋଜଗାର ସେବକଙ୍କୁ ଗାଁ ରାସ୍ତାରେ ମାଟି ପକାଇବାକୁ କାମ ମାଗୁଥିଲେ ମଧ ସେମାନଙ୍କୁ କାମ ଦିଆଯାଉନି। କାମ ନ ପାଇ ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ଅନ୍ୟପକ୍ଷେ ପ୍ରକୃତ ଶ୍ରମିକଙ୍କୁ କାମ ମିଳୁ ନଥିବା ବେଳେ ପ୍ରଶାସନ ସହାୟତାରେ ବେଆଇନଭାବେ ମେଶିନ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସରେ କାମ ହେଉଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ। ପିଡି ଡିଆରଡିଏ ଡୋଲାମଣି ପଟେଲ ଉଲୁଣ୍ଡା ବିଡିଓଙ୍କ ସହିତ ଫୋନରେ କଥା ହେବା ସହ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ବୁଧବାରଠାରୁ କାମ ମାଗିଥିବା ଜବକାର୍ଡ଼ଧାରୀଙ୍କୁ ମହଦା ବ୍ଲକର ପାର୍ବତୀପୁର ଓ କୁମେରକେଲି ରାସ୍ତାରେ ମାଟି କାମ ଯୋଗାଇ ଦିଆଯିବ ବୋଲି ପିଡି ପ୍ରତିଶ୍ରୁତି ଦେବା ପରେ ଶ୍ରମିକ ମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଶ୍ରଦ୍ଧାଞ୍ଜଳି ମିଶ୍ର, କେଦାର ମିଶ୍ର, ସୁରେଶ ପାତ୍ରଙ୍କ ସମେତ ଶ୍ରମିକ କ୍ଷେତ୍ର ବଗର୍ତ୍ତି, ଗୀତାଞ୍ଜଳି ମୁଣ୍ଡ, କିଶୋରୀ ଷାଣ୍ଡ, କୀରତି ପାତ୍ର ଓ ସୁବନ ପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ବାଟାଲିଅନ କ୍ୟାମ୍ପସରେ ହର୍ବାଲ ଉଦ୍ୟାନ ସ୍ଥାପନ

**ବଲାଙ୍ଗିର ଅଫିସ, ୯।୧୧**

ବଲାଙ୍ଗୀର ଶାନ୍ତିପଡା ନିକଟ ସିଆରପିଏଫ ୧୮୯ ବାଟାଲିଆନ କ୍ୟାମ୍ପସରେ ହର୍ବାଲ ଉଦ୍ୟାନ ସ୍ଥାପନ କରାଯାଇଛି । ଏଥିପାଇଁ ସେଠାରେ ୨୦୦ଟି ଔଷଧୀୟ ଚାରା ରୋପଣ କରାଯାଇଛି । ରାଜ୍ୟ ତଥା ଅନ୍ୟରାଜ୍ୟରୁ ରହିଥିବା ବାଟାଲିଅନର ଯବାନମାନେ ନିଜ ଅଞ୍ଚଳରୁ ସ୍ୱଦେଶୀ ଔଷଧୀୟ ଚାରା, କଲମି ଓ ମଞ୍ଜି ଆଣି ଏହି ଉଦ୍ୟାନରେ ରୋପଣ କରିଛନ୍ତି। କମାଣ୍ଡାଣ୍ଟ ପବନ କୁମାର ତିୱାରୀ ଚାରା ରୋପଣର ଶୁଭାରମ୍ଭ କରି ବାଟାଲିଅନ ପକ୍ଷରୁ ଆଗାମୀ ଦିନରେ ଏହି ଉଦ୍ୟାନକୁ ୨.୫ଏକର ପର୍ଯ୍ୟନ୍ତ ପ୍ରସାର କରାଯିବ ବୋଲି କହିଥିଲେ ।

## ଚାଉଳ ବୋଝେଇ ଟ୍ରକ୍‌କୁ ଥାନାକୁ ନେଲା ପୋଲିସ

**ବେଲପଡା, ୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ପାଟ୍ରୋଲିଂ ପୋଲିସ ସୋମବାର ବିଳମ୍ବିତ ରାତିରେ ସନ୍ଦେହରେ ଏକ ଚାଉଳ ବୋଝେଇ ଟ୍ରକକୁ ଅଟକାଇଥିଲା। ଡ୍ରାଇଭର ରାଉରକେଲାର ସୁରେଶ ଯାଦବ ଚାଉଳର ସ୍ଥିତିକୁ ନେଇ କୌଣସି ଉତ୍ତର ଦେଇ ପାରି ନ ଥିଲେ। ଶେଷରେ ପୋଲିସ ଉକ୍ତ ଟ୍ରକକୁ ଥାନାକୁ ଆଣିଥିଲା। ମଙ୍ଗଳବାର ପୋଲିସ ଯୋଗାଣ ବିଭାଗକୁ ଭେରିଫିକେସନ ପାଇଁ କହିବା ପରେ ବେଲପଡା ସପ୍ଲାଇ ଇନ୍ସପେକ୍ଟର ବିଜୟ କୁଲୁ ଥାନାକୁ ଆସି କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଏ ଚାଉଳ କେଉଁଠୁ ଆସିଥିଲା ଏବଂ କେଉଁଠାକୁ ଯାଉଥିଲା ତଥ୍ୟ ମିଳିନାହିଁ। ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଯୋଗାଣ ବିଭାଗ ଯାଞ୍ଚ ରିପୋର୍ଟ ପ୍ରଦାନ କଲାପରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଇନ ସଚେତନତା ଶିବିର

**ସଇଁତଲା, ୯।୧୧(ଡି.ଏନ.ଏ.)**



ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥିଗଣ ।

ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଲୋକନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ସଇଁତଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ(ନୂତନ) ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ, ସଇଁତଲା ତାଲୁକସ୍ତରୀୟ ଆଇନସେବା ପ୍ରାଧିକରଣ ତଥା ରାଷ୍ଟ୍ରୀୟ ମହିଳା ଆୟୋଗ ବଲାଙ୍ଗୀରଙ୍କ ମିଳିତ ସହଯୋଗରେ ଆୟୋଜିତ ଶିବିରରେ ଘରୋଇ ହିଂସା, ମହିଳା ଓ ଶିଶୁଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନର ତର୍ଜମା କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପ୍ରାଧିକରଣ ଦ୍ୱାରା ମନୋନୀତ ମଞ୍ଜୁଶ୍ରୀ ଭୋଇ ଓ ଯାଜ୍ଞସେନୀ ମହାନନ୍ଦ ମହିଳାମାନଙ୍କ ସୁରକ୍ଷା ନିମିତ୍ତ ସମ୍ବିଧାନରେ ପ୍ରଣୀତ ବିଭିନ୍ନ ବିଚାର ବିଭାଗୀୟ ଧାରା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ପ୍ରଭାରୀ ଅଧିକାରୀ ପ୍ରୀତମ କୁମାର ତ୍ରିପାଠୀ, ଆଇନଜୀବୀ କୁଶଳ କୁମାର ପଟେଲ, ଅଭିଶାଳା କୁମାର ମୋଦି ଆଇନସେବା ପ୍ରାଧିକରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସଇଁତଲା ଜେଏମ୍‌ଏଫସି ବିଚାରପତି ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଭାତ ସାମଲଙ୍କ ସହ ଟିଟିଲାଗଡ଼ର ଅତିରିକ୍ତ ଉପଜିଲାପାଳ ଡ଼.ଲଳିତ ବାଗ, ଆଇନଜୀବୀ ସୁବୋଧ ମିଶ୍ରଙ୍କ ସମେତ ସଇଁତଲା, ଟିଟିଲାଗଡ଼, ମୁରିବାହାଲ ଅଞ୍ଚଳର ବିଭିନ୍ନ ବିଭାଗର ମହିଳା ଅଧିକାରୀ, କର୍ମଚାରୀ, ମହିଳା ସରପଞ୍ଚ ଯୋଗଦାନ କରିଥିଲେ।

## ଏସ୍‌ଏଲ୍‌ଭି ବ୍ରେଡ୍ ଦୋକାନରେ ଚଢ଼ାଉ

**ବଲାଙ୍ଗୀର ଅଫିସ, ୯।୧୧**

ନମୁନା ସଂଗ୍ରହ କଲା ଖାଦ୍ୟ ସୁରକ୍ଷା ବିଭାଗ

ବଲାଙ୍ଗୀର ସହରର ବିକ୍ରମ ଛକରେ ଥିବା ଏସ୍‌ଏଲଭି ବାଙ୍ଗାଲୋର ବ୍ରେଡ୍ ଦୋକାନରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସହରର ପ୍ରଦୋଷ କୁମାର ବିଶି ଏହି ଦୋକାନରୁ ବ୍ରେଡ ଓ ରୋଲ କିଣି ନେଇଥିଲେ। ଏହା ଖାଇବା ପରେ ବାନ୍ତି ହୋଇଥିଲା। ଉକ୍ତ ବ୍ରେଡ ଓ ରୋଲରେ କମ୍ପାନୀ ନାଁ, ମ୍ୟାନୁଫ୍ୟାକ୍ଚରିଂ କି ଏକ୍ସପାଏରି ତାରିଖ ଲେଖା ଯାଇ ନ ଥିଲା। ଏହାପରେ ପ୍ରଦୋଷ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପାଖକୁ ଯାଇ ଅଭିଯୋଗ କରିଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ଟିମ୍ ଉକ୍ତ ଦୋକାନ ଏବଂ ତାଙ୍କ ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଦୋକାନୀ ଅଧିକାରୀଙ୍କୁ ତାଙ୍କର ଲାଇସେନ୍ସ ଦେଖାଇ ପାରି ନ ଥିଲେ। ଅଧିକାରୀମାନେ ଉକ୍ତ ଦୋକାନରୁ ନମୁନା ସଂଗ୍ରହ କରି ମଙ୍ଗଳବାର ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଛନ୍ତି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି।

# ଧାନ ସଂଗ୍ରହରେ ସ୍ୱଚ୍ଛତାକୁ ଗୁରୁତ୍ୱ

**ବରଗଡ଼ରେ କର୍ମଚାରୀ ଓ ଚାଷୀ ପ୍ରଶିକ୍ଷଣ ଶିବିର**

**ବରଗଡ଼ ଅଫିସ୍,୯।୧୧**



ଧାନ ସଂଗ୍ରହ ଉପରେ ବରଗଡ଼ ଜିଲାପାଳ ସୂଚନା ଦେଉଛନ୍ତି ।

ବରଗଡ଼ ଜିଲାରେ ଆସନ୍ତା ୨୫ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏହି କ୍ରମରେ ମଙ୍ଗଳବାର ବରଗଡ଼ କୃଷକ ବଜାର ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଧାନର ଗୁଣବତ୍ତା, ମାନ ନିର୍ଦ୍ଧାରଣ ଏବଂ ଧାନକ୍ରୟର ସୁପରିଚାଳନା ଉପରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଧାନ ସଂଗ୍ରହର ମାର୍ଗଦର୍ଶିକା, ଖାଦ୍ୟ ସଂଗ୍ରହ ନୀତିକୁ ଅନୁପାଳନ କରି ଖରିଫ ଧାନ କିଣାବିକାକୁ ସୁରୁଖୁରୁରେ ସମ୍ପାଦନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଅତିରିକ୍ତ ଜିଲାପାଳ ତଥା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ମିର୍ଦ୍ଧା ଟପ୍ପୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ୟାକ୍ସ ଏବଂ ଆରଏମ୍‌ସି କର୍ମଚାରୀମାନେ ନିଜ ଦାୟିତ୍ୱ, କର୍ତ୍ତବ୍ୟକୁ ଠିକ୍ ଭାବେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ସମବାୟ ଉପନିବନ୍ଧକ ଭକ୍ତବନ୍ଧୁ ସାହୁ ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ରାଥମିକ କୃଷି ସମବାୟ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ଖାଦ୍ୟ ସଂଗ୍ରହ ନୀତି ୨୦୨୧-୨୨ ଏବଂ ଏହାର ପ୍ରୟୋଗ, ପରିଚାଳନା ଉପରେ ସୂଚନା ଦେଇଥିଲେ। ଧାନ ମାନ ନିର୍ଦ୍ଧାରଣ, ବିଶ୍ଳେଷଣ ଉପରେ ଜିଲା ଯୋଗାଣ ବିଭାଗର କ୍ୱାଲିଟି ଆନାଲିସିଷ୍ଟ, ଆରଏମ୍‌ସିର ମାଷ୍ଟର ଏବଂ ବରଗଡ଼ ସାଇଣ୍ଟିଫିକ ସେଣ୍ଟରର ବିଶେଷଜ୍ଞ ଏକ ଡେମୋ ପ୍ରଦର୍ଶନ କରି ଉଦ୍ଦିଷ୍ଟ ଯନ୍ତ୍ରପାତିର ବ୍ୟବହାର ଉପରେ ପ୍ରଶିକ୍ଷଣ ଦେଇଥିଲେ।

ଶିବିରରେ ବରଗଡ଼ ଆରଏମ୍‌ସି ଅଧୀନ ୧୭ଟି ପ୍ୟାକ୍ସର ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର(ଡିଇଓ), ୯ଟି ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଭାନେତ୍ରୀ, ସମ୍ପାଦିକା, ଆରଏମ୍‌ସି କର୍ମଚାରୀ, କମିଟିର ସଭ୍ୟ, ମିଲର୍ସ ପ୍ରତିନିଧି, ଚାଷୀ ପ୍ରତିନିଧି, ସହକାରୀ ନିବନ୍ଧକ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ ସଂଯୋଜକ, ଅତିରିକ୍ତ ଯୋଗାଣ ନିରୀକ୍ଷକ, ଯୋଗାଣ ନିରୀକ୍ଷକ ପ୍ରମୁଖ ଯୋଗଦାନ କରିଥିଲେ।